
୧୬-୨୨ ଫେବୃଆରୀ, ୨୦୨୫
ସକାଳ
THE SAKALA
ରବିବାର
ସିନ୍ଦୁରା
ହସ୍ତଶିଳ୍ପ



ମଣିଷର ସୃଜନାତ୍ମକ କଳାର କମନୀୟ ରୂପ ହେଉଛି ହସ୍ତଶିଳ୍ପ । ସଂଘର୍ଷମୟ ଜୀବନ ଭିତରେ ମଣିଷର କଳାକୁଶଳତାର ପରିପ୍ରକାଶ ଘଟିଥାଏ ହସ୍ତକଳାରେ । ହସ୍ତଶିଳ୍ପରେ ଅଳ୍ପ ସରଞ୍ଜାମରେ କମ୍ ପୁଞ୍ଜି ଖଟାଇ ପାରମ୍ପରିକ ପଦ୍ଧତିରେ ଉତ୍କୃଷ୍ଟ କଳା ସାମଗ୍ରୀ ତିଆରି କରାଯାଏ । ନିଜ ଘରେ ବସି ପରିବାର, ଆତ୍ମୀୟସ୍ୱଜନଙ୍କ ସହଯୋଗରେ ଜଣେ ହସ୍ତଶିଳ୍ପ କରିପାରେ । ଆଉ ଏଥିରୁ ଭଲ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିହୁଏ । ପୂର୍ବରୁ ଯେତେବେଳେ ଯନ୍ତ୍ରଶିଳ୍ପର ବିକାଶ ଘଟି ନଥିଲା, ସେତେବେଳେ ହସ୍ତଶିଳ୍ପ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । କାରିଗରମାନେ ନିଜ କୁଶଳୀ ହାତରେ ଆକର୍ଷଣୀୟ ଜିନିଷ ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ ।



ଓଡ଼ିଶା ହେଉଛି କଳାର ଭୂମି । ଏଠାକାର କାରିଗରଙ୍କ ହାତ ସ୍ପର୍ଶରେ ପଥର ବି ଆକର୍ଷଣୀୟ ଓ ଜୀବନ୍ତ ହୋଇଉଠେ । ସାଧାରଣ ବସ୍ତୁଟିଏ ମଧ୍ୟ କୋମଳ ଓ କଳାତ୍ମକ ରୂପ ପାଇଥାଏ । ଓଡ଼ିଶାର ହସ୍ତକଳା ବେଶ୍ ଉତ୍କୃଷ୍ଟ ଓ ଆକର୍ଷଣୀୟ । ପ୍ରସ୍ତର କଳାଠାରୁ ଆରମ୍ଭ କରି ଟେରାକୋଟା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରହିଛି ବିଭିନ୍ନ ପ୍ରକାର ହସ୍ତଶିଳ୍ପ । ଏହା କେତେକ ସଂପ୍ରଦାୟର ପାରମ୍ପରିକ କୌଳିକ ବୃତ୍ତି । ସେମାନେ ପିଢ଼ି ପରେ ପିଢ଼ି ହସ୍ତକଳାରେ ନିଜର କଳାନୈପୁଣ୍ୟତାର ପ୍ରଦର୍ଶନ କରିବା ସହିତ ଜୀବିକାର୍ଜନ କରୁଛନ୍ତି । ସଂପ୍ରତି ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ହସ୍ତଶିଳ୍ପର ତାଲିମ ଦିଆଯାଇ ସେମାନଙ୍କୁ ରୋଜଗାରକ୍ଷମ କରାଯାଉଛି । ରାଜ୍ୟର ବିଭିନ୍ନ ଅଞ୍ଚଳର ହସ୍ତଶିଳ୍ପର ବିଶେଷତ୍ୱ ଭିନ୍ନ ଭିନ୍ନ । ତେବେ ସବୁଠି ଶିଳ୍ପୀଙ୍କ ହାତର ଯାଦୁ ଦେଖିବାକୁ ମିଳେ । ଶିଳ୍ପୀ ଗ୍ରାମ ରଘୁରାଜପୁରର ପଟ୍ଟଚିତ୍ର ହେଉ କି ପିପିଲିର ଚାନ୍ଦୁଆ ବା ପାରଳାଖେମୁଣ୍ଡିର ଶିଙ୍ଗ କାମ ଅବା ମୟୂରଭଞ୍ଜର ସବାଇ ଘାସରେ ତିଆରି ସୌଖୀନ ଘରକରଣା ଜିନିଷ, ସବୁ କିଛି ବେଶ୍ ଚିତ୍ତାକର୍ଷକ । ରୋଜଗାରର ପନ୍ଥା ପାଲଟିଛି ହସ୍ତଶିଳ୍ପ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ହସ୍ତକଳାର ବିଶେଷତ୍ୱ ଓ ମୌଳିକତାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ: **ହସ୍ତଶିଳ୍ପ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ବାହାରିବ । ପ୍ରେମ ଜୀବନରେ ସଫଳତା ପାଇବେ । ବୁଧ, ଗୁରୁବାରରେ ସମାଜରେ ପ୍ରଭାବ ବଢ଼ିବ । ଶୁକ୍ର, ଶନିବାରରେ ଧନଲାଭର ନୂଆ ରାସ୍ତା ପାଇବେ । ଯୋଜନା ଅନୁସାରେ କାର୍ଯ୍ୟ କରିବେ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ସହକର୍ମୀଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ । କୌଣସି ଶୁଭ ଖବର ମିଳିପାରେ । ବୁଧ, ଗୁରୁବାରରେ ଅକସ୍ମାତ୍ ଧନଲାଭର ଯୋଗ ରହିଛି । ଶୁକ୍ର, ଶନିବାରରେ ଖର୍ଚ୍ଚ ବୃଦ୍ଧି ପାଇବାକୁ ଲାଗିବ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ସପ୍ତାହ ପ୍ରାରମ୍ଭରୁ ସଫଳତା ହାସଲ କରିବେ । ବୁଧ, ଗୁରୁବାରରେ ଆନନ୍ଦଉଲ୍ଲାସରେ ଦିନ କଟିବ । କ୍ୟାରିୟର ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବେ । ଶୁକ୍ର, ଶନିବାରରେ କାର୍ଯ୍ୟସ୍ଥଳୀରେ ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ କର୍ମସ୍ଥଳୀରେ ବିରୋଧୀମାନଙ୍କ କୂଟଚକ୍ରାନ୍ତର ଶିକାର ହେବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପରିବାର ସହ ତୀର୍ଥସ୍ଥାନ ଭ୍ରମଣ ଯୋଗ ରହିଛି । ଶୁକ୍ର, ଶନିବାରରେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ପରିବାର ମଧ୍ୟରେ ସମସ୍ୟା ଦେଖାଦେବ । ସାଙ୍ଗସାଥୀ ଏବଂ ଭାଇଭଉଣୀଙ୍କ ସହ ଅଧିକ ସମୟ କଟାଇବେ । ବୁଧ, ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ ଆୟ ତୁଳନାରେ ବ୍ୟୟ ଅଧିକ ରହିବ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ରାସ୍ତା ପାଇବେ । ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ବୁଧ, ଗୁରୁବାରରେ ମହିଳାମାନେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ଶୁକ୍ର, ଶନିବାରରେ ପାରିବାରିକ ଜୀବନ ମଧୁର ହେବ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ମହିଳାମାନେ ସମସ୍ତ କାର୍ଯ୍ୟକୁ ସୁଚାରୁରୂପରେ କରିବେ । ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଫଳ ପାଇବେ । ନୂତନ ନିଯୁକ୍ତି ସୁଯୋଗ ରହିଛି । ଶୁକ୍ର, ଶନିବାରରେ କୌଣସି କଥାକୁ ନେଇ ଅବସାଦରେ ରହିପାରନ୍ତି ।

**ବିଛା**
ରବି, ସୋମ, ମଙ୍ଗଳବାରରେ ହେଉଥିବା କାର୍ଯ୍ୟ ବିଗିଡ଼ି ଯାଇପାରେ । ମନ ଭଲ ରହିବ ନାହିଁ । ବୁଧ, ଗୁରୁବାରରେ ମହିଳାମାନେ ସ୍ୱାଭିମାନୀ ହେବେ । ଶୁକ୍ର, ଶନିବାରରେ ଆର୍ଥିକସ୍ଥିତିରେ ଅବନତି ଦେଖାଦେଇପାରେ । ବ୍ୟବସାୟୀମାନେ ଦୂରଯାତ୍ରା କରିପାରନ୍ତି ।

**ଧନୁ**
ରବି, ସୋମ, ମଙ୍ଗଳବାରରେ କର୍ମସ୍ଥଳୀରେ ଉତ୍ତମ କାର୍ଯ୍ୟକରି ପ୍ରଶଂସାର ପାତ୍ର ହେବେ । ପାରିବାରିକ ଜୀବନରେ ଦେଖାଦେଉଥିବା ଭୁଲ ବୁଝାମଣାକୁ ଦୂର କରିବା ପାଇଁ ଚେଷ୍ଟା କରିବେ । ବୁଧ, ଗୁରୁବାରରେ ଦୀର୍ଘଦିନର ଇଚ୍ଛା ପୂରଣ ହେବ । ଶୁକ୍ର, ଶନିବାରରେ ସାଙ୍ଗସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି ।

**ମକର**
ରବି, ସୋମ, ମଙ୍ଗଳବାରରେ ଦାମ୍ପତ୍ୟ ଜୀବନରେ ମଧୁରତା ଦେଖାଦେବ । ସାବଧାନତାର ସହ ଯାତାୟାତ କରନ୍ତୁ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ଶୁକ୍ର, ଶନିବାରରେ ବ୍ୟବସାୟିକ ଲାଭ ପାଇବେ । କର୍ମକ୍ଷେତ୍ରରେ ସଫଳତା ପାଇବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ କ୍ରୋଧାନ୍ୱିତ ହୋଇ କଷ୍ଟ ପାଇପାରନ୍ତି । ନିଜକୁ ଏକୁଟିଆ ଅନୁଭବ କରିପାରନ୍ତି । ବୁଧ, ଗୁରୁବାରରେ ନୂତନ ନିବେଶ କରିବାକୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ପୂର୍ବ ଯୋଜନାରେ କାର୍ଯ୍ୟକରି ଲାଭବାନ ହେବେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତିତ ରହିବେ । ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ବୁଧ, ଗୁରୁବାରରେ ପ୍ରିୟଜନଙ୍କ ବ୍ୟବହାରରେ କଷ୍ଟ ପାଇବେ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ପାଇବ । ବିରୋଧୀମାନେ ଦୂରେଇ ରହିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com









# ଓଡ଼ିଶାର ହସ୍ତଶିଳ୍ପ



ଶ୍ୱେତା ରାଉତ

ଓଡ଼ିଶା ହେଉଛି କଳା ଓ ଭାସ୍କର୍ଯ୍ୟର ଗନ୍ତାଘର । ରାଜ୍ୟର ବହୁ ପ୍ରାଚୀନ ମନ୍ଦିରରେ ପଥର ଖୋଦିତ ଅପୂର୍ବ ହସ୍ତକଳା ସମଗ୍ର ବିଶ୍ୱର ପର୍ଯ୍ୟଟକମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରେ । ଏ ଉତ୍କଳମାଟିର କାରିଗରମାନେ କେବଳ ପଥରରେ ନୁହେଁ, ଟେରାକୋଟା, ପଟ୍ଟଚିତ୍ର, ଶିଙ୍ଗ କାମ, ଚାନ୍ଦୁଆ, ବାଉଁଶ ଗହଣା, ପିତ୍ତଳ କାମ, ବେତ, ତାରକସି, ମୁଖା କଣ୍ଢେଇ, ନଡ଼ିଆ କତା, ସବାଇ ଘାସ ଓ ଡୋକ୍ରା ଶିଳ୍ପରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରି ଦେଶବିଦେଶରେ ପରିଚୟ ସୃଷ୍ଟି କରିପାରିଛନ୍ତି । ସେହିପରି ହସ୍ତଶିଳ୍ପ କାରିଗର ଓ ବ୍ୟବସାୟୀଙ୍କ ପାଇଁ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ ହେବାର ପଥ ଉନ୍ମୋଚନ କରିଛନ୍ତି । ଓଡ଼ିଶାର କାରିଗରମାନେ ହସ୍ତଶିଳ୍ପ ପାଇଁ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ବହୁ ସମ୍ମାନରେ ସମ୍ମାନିତ ହୋଇ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି । ସରକାରଙ୍କ ସହଯୋଗରେ ହସ୍ତଶିଳ୍ପ ପ୍ରଦର୍ଶନୀ ଜରିଆରେ କାରିଗରମାନଙ୍କୁ ଉତ୍ସାହିତ କରିବା ସହିତ ଆଗକୁ ଶିଳ୍ପଗୁଡ଼ିକର ବୃଦ୍ଧି ପାଇଁ ତାଲିମ ମଧ୍ୟ ଦିଆଯାଉଛି ।

## ଇତିହାସ ଓ ପରମ୍ପରା



ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ କଳିଙ୍ଗ (ବର୍ତ୍ତମାନର ଓଡ଼ିଶା)ର ଚିତ୍ରଶିଳ୍ପୀମାନେ ତାଳପତ୍ର ସହିତ ରାଜପ୍ରସାଦର ମନ୍ଦିର, ମଠ କାନ୍ଥ ଇତ୍ୟାଦିରେ 'ଭିତ୍ତି' ଚିତ୍ର ଖୋଦିତ ଅଥବା ଚିତ୍ର କରୁଥିଲେ । ସମ୍ଭବତଃ ଏହି ଚିତ୍ରଗୁଡ଼ିକ କାନ୍ଥବାଡ଼ରେ କରାଯାଉଥିବାରୁ ଏହାକୁ 'ଭିତ୍ତି' ଚିତ୍ର କୁହାଯାଉଥିଲା । ୫ମ ଶତକର ପୁରୀ, କୋଣାର୍କ ଓ ଭୁବନେଶ୍ୱରର କାନ୍ଥରେ ଅଙ୍କା ଛବି ସବୁରୁ ପଟ୍ଟଚିତ୍ରର ଜନ୍ମ । ପୁରୀର ରଘୁରାଜପୁରଠାରେ ଏହି କଳାର ପୁରୁଷ ପୁରୁଷ ଧରି ଅଭୂତପୂର୍ବ ବିକାଶ ଘଟିଛି । ଏହି ଗାଆଁକୁ 'ଶିଳ୍ପୀଗ୍ରାମ'ର ମାନ୍ୟତା ମିଳିଛି । ସେହିପରି ଚାନ୍ଦୁଆ ହେଉଛି ଏକ ପାରମ୍ପରିକ ହସ୍ତଶିଳ୍ପ । ନୀଳାଦ୍ରିବିଜେ ଦିନ ରତ୍ନସିଂହାସନରେ ଚାନ୍ଦୁଆ ବନ୍ଧା ହୁଏ । ପୁରୀର ପିପିଲି ଚାନ୍ଦୁଆ ପାଇଁ ପ୍ରସିଦ୍ଧ । ପିଢ଼ି ପରେ ପିଢ଼ି ଅଧିକରୁ ଅଧିକ ଲୋକ ଏହି ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି । ସେହିପରି ବାଉଁଶ ଏବଂ ବେତ କାରିଗରମାନେ ଆସନ, ବାସ୍କେଟ୍, ଝୁଡ଼ି ତିଆରି କରିଥାନ୍ତି । ସବାଇ ଘାସ (ବେଣା) ରେ ତିଆରି ଦ୍ରବ୍ୟଗୁଡ଼ିକ ଅନ୍ୟନ୍ତ ସୁନ୍ଦର ହୋଇଥାଏ । ଏହା ଲାଭଦାୟକ ଏବଂ ନିଯୁକ୍ତି ସୃଷ୍ଟିକାରୀ ମଧ୍ୟ । ପିତ୍ତଳ, ଟେରାକୋଟାର ସୁନ୍ଦର ମୂର୍ତ୍ତି ଏବଂ ଘରୋଇ ଉପକରଣ ମଧ୍ୟ ପାରମ୍ପରିକ ଶୈଳୀରେ ନିର୍ମାଣ କରାଯାଇଥାଏ ।







## ଆକର୍ଷଣୀୟ ପାରମ୍ପରିକ ହସ୍ତଶିଳ୍ପ

ପୁରୀ ଜିଲ୍ଲାରେ ରହିଛି ଅନେକ ହସ୍ତଶିଳ୍ପ । ସେଥିମଧ୍ୟରୁ ପଟ୍ଟଚିତ୍ର ଅନ୍ୟତମ । ଓଡ଼ିଶାର ଏକ ଅନନ୍ୟ କଳା ପଟ୍ଟଚିତ୍ର । ଏହା ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହ ଜଡ଼ିତ । ଶ୍ରୀକ୍ଷେତ୍ର ଧାମ ପୁରୀର ରଘୁରାଜପୁରରେ ପ୍ରାୟ ପଞ୍ଚମ ଖ୍ରୀଷ୍ଟାବ୍ଦରେ ପଟ୍ଟଚିତ୍ର କଳା ଜନ୍ମ ଲାଭ କରିଥିଲା ବୋଲି କେତେକ କୁହନ୍ତି । ତେବେ ଜଗନ୍ନାଥ ଯେବେଠୁ, ପଟ୍ଟଚିତ୍ର ପରମ୍ପରା ବି ସେବେଠୁ ବୋଲି ମଧ୍ୟ କେହି କେହି କୁହନ୍ତି । କାରଣ ଶ୍ରୀମନ୍ଦିର ପରମ୍ପରା ସହିତ ଏହା ଜଡ଼ିତ । 'ପଟ୍ଟ' ଶବ୍ଦର ଅର୍ଥ କନା ବା କପଡ଼ା । ସ୍ୱତନ୍ତ୍ର ଶୈଳୀରେ ଏହା ତିଆରି ହୋଇଥାଏ । ପଟ୍ଟଚିତ୍ର ମୁଖ୍ୟତଃ ଜଗନ୍ନାଥ ତଥା କୃଷ୍ଣଙ୍କ ଉପରେ ଆଧାରିତ । ଏଥିରେ ନାନା ପ୍ରକାର ପୌରାଣିକ କାହାଣୀକୁ ଚିତ୍ର



ମାଧ୍ୟମରେ ବର୍ଣ୍ଣନା କରାଯାଏ। ରାମାୟଣ, ମହାଭାରତ, ବିଷ୍ଣୁଙ୍କ ଦଶବାତର, କୃଷ୍ଣଙ୍କ ଜନ୍ମ, ରାସଲୀଳା, ଶ୍ରୀଗଣେଶ, ଜଗନ୍ନାଥଙ୍କ ଅବତାର ଏବଂ ବିଭିନ୍ନ ଦେବାଦେବୀ ଅଙ୍କନ କରାଯାଇଥାଏ।





ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଅଧିକ ନଡ଼ିଆ ଉତ୍ପାଦିତ ହୋଇଥାଏ। ନଡ଼ିଆ କତାରୁ ତିଆରି କଣ୍ଢେଇ, ପା'ପୋଛା ଓ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପାଇଁ ବେଶ୍ ଜଣାଶୁଣା ଏହି ଅଞ୍ଚଳ। ରାଜ୍ୟ ବାହାରେ ମଧ୍ୟ ନଡ଼ିଆ କତାରୁ ତିଆରି ସାମଗ୍ରୀର ଚାହିଦା ରହିଛି। ନଡ଼ିଆ କତାରୁ କଣ୍ଢେଇ, ଘୋଡ଼ା, ହାତୀ, ଫୁଲ ଚାଙ୍ଗୁଡ଼ା, ବାଘବସା ଆଦି ଖୁବ୍ ସୁନ୍ଦର ସାଜସଜ୍ଜା ଜିନିଷ ମଧ୍ୟ ତିଆରି ହୋଇଥାଏ। କେବଳ କତାରେ ଓଡ଼ିଶା ୧ ହଜାର କୋଟି ଟଙ୍କାର କାରବାର କରିବାର ଭିତ୍ତିଭୂମି ରହିଥିଲେ ମଧ୍ୟ ବାର୍ଷିକ କେବଳ ୨୦୦ କୋଟି ଟଙ୍କାର ବ୍ୟବସାୟ ହୋଇ ପାରୁଥିବା କୟର୍ ବୋର୍ଡ ପକ୍ଷରୁ ଜଣାଯାଏ।

ଚାନ୍ଦୁଆ ଓଡ଼ିଶାର ଏକ ପୁରାତନ ହସ୍ତକଳା। ପିପିଲି ତିଆରି ଚାନ୍ଦୁଆ ଦେଶ ବିଦେଶରେ ସୁନାମ ଅର୍ଜନ କରିଛି। ଚାନ୍ଦୁଆରେ ରାହୁମୁଣ୍ଡ, ଶୁଆ, କଦଳୀପତ୍ର, ନୀଳଚକ୍ର, ଗଦା, ତୁଳସୀପତ୍ର ଓ ବେଲପତ୍ର ପରି ଆଦି ସୂକ୍ଷ୍ମ କାମ ଛୁଞ୍ଚିସୂତାରେ ମହିଳାମାନେ କରନ୍ତି। ଏହାପରେ ପୁରୁଷ ଲୋକମାନେ ମେସିନ୍‌ରେ ଏସବୁ ଯୋଡ଼େଇ କରିଥାଆନ୍ତି। ସେହିପରି ପୁରୀ ଜିଲ୍ଲାର କୋଣାର୍କର ପଥର ଖୋଦେଇ ଶିଳ୍ପୀମାନଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ଓଡ଼ିଶାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଥାଏ। ଓଡ଼ିଶାର ଏହି ପଥର ଖୋଦେଇ କାରିଗରି ଏତେ ଆକର୍ଷଣୀୟ ଯେ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଭାରତର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସାମିଲ କରାଯାଏ। ଓଡ଼ିଶାରେ ପଥର ଖୋଦେଇ କାମ ଏକ ପ୍ରଧାନ ହସ୍ତଶିଳ୍ପ ଅଟେ। ଗ୍ରାହକଙ୍କ ରୁଚି ଜିନିଷ (ଗୃହ ସାଜସଜ୍ଜା ଉପକରଣ) ତିଆରିରେ ମୁଖ୍ୟ ଭୂମିକା ନେଇଥାଏ। ଏହି କାମ ପୁରୀ ଜିଲ୍ଲାରେ ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳେ।

## କାଠ କଣ୍ଢେଇ କଳା

ନିର୍ଜୀବ ବସ୍ତୁକୁ ସୁନ୍ଦର ରୂପ ଦେବା କେବଳ କାରିଗରଙ୍କ ଦ୍ୱାରା ସମ୍ଭବ ହୋଇଥାଏ। କାଠରେ ଗଣେଶ, ରାଧାକୃଷ୍ଣ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ମହାଦେବ ଶିବ ପ୍ରଭୃତି ଅନେକ ଦେବଦେବୀଙ୍କ ପ୍ରତିମୂର୍ତ୍ତି ତିଆରି କରୁଛନ୍ତି କଳାହାଣ୍ଡି ଜିଲ୍ଲାର ଖଇରିପଦରର କୁଶଳୀ କାରିଗରମାନେ। ଏହା ସହିତ ଟ୍ରଫି, ମୋବାଇଲ୍, ଚାବି, କଲମ ଷ୍ଟାଣ୍ଡ ଭଳି ଜିନିଷ ଗଢ଼ିବାରେ କାରିଗରମାନେ ସିଦ୍ଧହସ୍ତ। କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ପ୍ରତିମୂର୍ତ୍ତିଗୁଡ଼ିକ ସ୍ଥାନୀୟ ବଜାର ସହିତ ବାହାର ରାଜ୍ୟର କଲିକତା, ଦିଲ୍ଲୀ, ରାୟପୁର ଭଳି ସହରକୁ ବିକ୍ରି ପାଇଁ ପଠାଯାଉଛି।



## ମାଟିରେ ଚମତ୍କାର କଳାକୃତି



ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଟେରାକୋଟା। ରାଜ୍ୟର କେତେକ ଜିଲ୍ଲାରେ ପାରମ୍ପରିକ କୁମ୍ଭକାର ଏବଂ ପ୍ରଶିକ୍ଷଣପ୍ରାପ୍ତ କାରିଗରମାନେ ଟେରାକୋଟା ସହିତ ବିଭିନ୍ନ ପାରମ୍ପରିକ ଗୃହସଜ୍ଜା ଉପକରଣ ଓ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ରାଜ୍ୟରେ ୪୦ରୁ ଊର୍ଦ୍ଧ୍ୱ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜ ରହିଛି। ତନ୍ମଧ୍ୟରୁ କେତେକ ମୁଖ୍ୟ ଟେରାକୋଟା ପୁଞ୍ଜଗୁଡ଼ିକ ହେଲା ସୋନପୁର (ସୁବର୍ଣ୍ଣପୁର), ବରପାଲି (ବରଗଡ଼), ହଳଧରପୁର (କେନ୍ଦୁଝର), ନୂଆଗାଁ (ଖୋର୍ଦ୍ଧା), ଲୁଣ୍ଡୁକିଆ (ଜଗତସିଂହପୁର), କୁସୁମି (କୋରାପୁଟ) ଆଦି ଅନ୍ୟତମ। ମାଟିରେ ନିର୍ମିତ ସୁନ୍ଦର କଳାକୃତି ଦର୍ଶକଙ୍କ ମନମୋହି ନିଏ।



## ଚିତ୍ତାକର୍ଷକ ପଶୁମୁଖା

ଐତିହ୍ୟ, କଳା, ସଂସ୍କୃତି ଲୋକନୃତ୍ୟ ପାଇଁ ଗଞ୍ଜାମ ଜିଲ୍ଲା ବେଶ୍ ପ୍ରସିଦ୍ଧ। ଆଜି ବି ଗଞ୍ଜାମ ମାଟିରେ ଲୋକ କଳାର ଆଦୃତିକୁ ଜୀବିତ କରି ରଖିଛନ୍ତି। ପଶୁମୁଖା ପାଇଁ ବେଶ୍ ପ୍ରସିଦ୍ଧ ଲାଭ କରିଛି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ଅନ୍ତର୍ଗତ ବଡ଼ କୋଦଣ୍ଡା ଗ୍ରାମ। ଏଠାରେ ୫୦ରୁ ଊର୍ଦ୍ଧ୍ୱ ପରିବାର ନିଜର ଲୋକକଳା ବା ପଶୁମୁଖା ନୃତ୍ୟକୁ ଆଜି ବି ବଞ୍ଚାଇ ରଖିଛନ୍ତି। ଗଞ୍ଜାମର ପାରମ୍ପରିକ ମୁଖା ହସ୍ତଶିଳ୍ପ ବହୁତ ପୁରୁଣା। କାଗଜ, ଅଠା, ମାଟି, କରତ ଗୁଣ୍ଡ, ଖଡ଼ି, ରଙ୍ଗ, ବାନିସୀ, ଶାଗୁ ଓ ମହିଗିରାରେ କାଗଜ ନିର୍ମିତ ଏହି ଅଭଙ୍ଗା କଣ୍ଢେଇ ପ୍ରସ୍ତୁତ ହୁଏ। ସେହିପରି କାଗଜ ତିଆରି ବାଘ, ହାତୀ, ହରିଣ, ଷଣ୍ଢ ଆଦି ପିଲାଠୁ ବୁଢ଼ା, ସମସ୍ତଙ୍କୁ ବେଶ୍ ଆକର୍ଷିତ କରେ।



## ମୁଗୁନି ପଥରର ମନଲୋଭା ମୂର୍ତ୍ତି

ମୟୂରଭଞ୍ଜ ଜିଲ୍ଲାର ଖିଚିଂ ପଥର କାମ ପାଇଁ ଜଣାଶୁଣା। କୀଚକେଶ୍ୱରୀ ମନ୍ଦିରରେ ଆଞ୍ଚଳିକ କାରିଗରଙ୍କ ପଥରକାମ ଦେଖିବାକୁ ମିଳିଥାଏ। ମନ୍ଦିର ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ୧୯୪୦ ମସିହାରେ ଶେଷ ହେବା ପରେ ଆଞ୍ଚଳିକ ପଥର କାରିଗରମାନେ କାମ ଅଭାବରୁ ଜୀବିକା ନିର୍ବାହ କରିବାକୁ ଅକ୍ଷମ ହେଉଥିଲେ। କାରିଗରଙ୍କ ଦୁରବସ୍ଥାକୁ ବୁଝିପାରି ତତ୍କାଳୀନ ମହାରାଜା ସେମାନଙ୍କ ପାଇଁ ଖିଚିଂଠାରେ ଏକ ସୋସାଇଟି ତିଆରି କରିଥିଲେ। ମୁଗୁନି ପଥର ମନଲୋଭ ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରେ।




## ଧାତୁ ନିର୍ମିତ ସୁନ୍ଦର କାରୁକାର୍ଯ୍ୟ

ତାରକସି କାମ ଏକ ଭାରତୀୟ ଧାତୁକଳା। ଏହା ଓଡ଼ିଶାର କଟକରୁ ଆରମ୍ଭ ହୋଇଥିଲା ବଣିଆମାନେ ମୁଖ୍ୟତଃ ରୁପାର ସୂକ୍ଷ୍ମ ତାରରେ ଅଳଙ୍କାର ଓ ଅନ୍ୟାନ୍ୟ ସାଜସଜ୍ଜା ସରଞ୍ଜାମ ତିଆରି କରିଥାନ୍ତି। ଏହା ୫୦୦ ବର୍ଷରୁ ଅଧିକ ପୁରୁଣା ଏକ ପାରମ୍ପରିକ କଳା। ଯାହା କଟକ ଓ ଆଖପାଖର ସ୍ଥାନୀୟ କାରିଗରମାନେ ଅନେକ ପିଢ଼ି ଧରି କରିଆସୁଛନ୍ତି। ଅଧୁନା, ଅଧିକାଂଶ ରୁପା କାରିଗର କଟକର।



ନୟାଗଡ଼ର ଏକ ଅନନ୍ୟ କଳା ହେଉଛି ପିତ୍ତଳ କାମ। ଏହି ହସ୍ତଶିଳ୍ପ କଣ୍ଟିଲୋ ଗ୍ରାମକୁ ଏକ ବିଶେଷ ପରିଚୟ ଦେଇଛି। ନାନାଦି କଳାକୃତି ମଧ୍ୟରୁ କଂସା ଓ ପିତ୍ତଳରେ ତିଆରି ହାତକାମ ଅନ୍ୟତମ। ପିତ୍ତଳରେ ବାସନ, ବ୍ରୋଞ୍ଜ ବା କଂସାରେ ବାସନ, ଚୁଡ଼ି ଆଦି ପାରମ୍ପରିକ ଭାବରେ ଓଡ଼ିଶାରେ ତିଆରି କରାଯାଉଥିଲା।



ଆଗକାଳରେ ଚାଉଳ ମପାହେବା ନିମନ୍ତେ ବାଟି, ଖାଇବା ନିମନ୍ତେ କଂସାରେ ତିଆରି କଂସା, ତାଟିଆ, ଗିନା, ଥାଳି, ଥାଳିଆ, ଭାତ ପରଷିବା ପାଇଁ ପରଷୁଣୀ, ପାଣି ପିଇବା ନିମନ୍ତେ ଗିଲାସ ଓ ବଡ଼ ପାତ୍ର, ପାଣି ରଖିବା ନିମନ୍ତେ ପିତ୍ତଳ କଳସୀ, ଓ ରାନ୍ଧିବା ନିମନ୍ତେ ପିତ୍ତଳ ହାଣ୍ଡି, ପଲମ, ଚଟୁ ଆଦି ତିଆରି କରାଯାଉଥିଲା। ସେହିପରି କାରିଗରମାନେ କଂସା ଓ ପିତ୍ତଳରେ ସୁନ୍ଦର ସୁନ୍ଦର କୋଟି କମକରା ହାତୀ ଘୋଡ଼ା, ରଥ ଓ ଗହଣା ତିଆରି କରିଥାଆନ୍ତି। ସେହିପରି ଢେଙ୍କାନାଳ ଜିଲ୍ଲାର ଭୁବନର କାରିଗରମାନେ ମଧ୍ୟ ପାରମ୍ପରିକ କଂସା ପାତ୍ର ତିଆରି ସହିତ ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ କଳାକୃତି ତିଆରି କରିଥାନ୍ତି। ସେଭଳି ମୟୂରଭଞ୍ଜର ଡୋକ୍ରା ବହୁ ପୁରାତନ ଶିଳ୍ପ। ପିତ୍ତଳ ଧାତୁକୁ ବ୍ୟବହାର କରି ବିଭିନ୍ନ ସୁନ୍ଦର ମୂର୍ତ୍ତି ଓ ଆସବାବପତ୍ର ତିଆରି କରାଯାଇଥାଏ। ଡୋକ୍ରା ଶିଳ୍ପ ଓଡ଼ିଶାର ବହୁ ସ୍ଥାନରେ ଦେଖିବାକୁ ମିଳେ। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ୍‌ର ଡୋକ୍ରା ଶିଳ୍ପ କାରିଗରିର ସ୍ୱତନ୍ତ୍ର ଆକର୍ଷଣ ରହିଛି।





## ବାଉଁଶ ଗହଣା

ସୁନା ଗହଣା ଅପେକ୍ଷା ଏବେ ମହିଳାମାନେ ବାଉଁଶ ଗହଣା ପିନ୍ଧିବାକୁ ଭଲ ପାଉଛନ୍ତି । ଗଳାହାର, ଚୁଡ଼ି, କାନଫୁଲ, ହେୟାର କ୍ଲିପ୍‌ଠାରୁ ଆରମ୍ଭ କରି ରାକ୍ଷୀ ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ନିଜ ହାତରେ ପ୍ରସ୍ତୁତ କରୁଛନ୍ତି ମହିଳାମାନେ । ବାଉଁଶକୁ ମେସିନ୍ ସାହାଯ୍ୟରେ କାଟି ସେଥିରୁ ନେକ୍‌ଲେସ୍, ମଙ୍ଗଳସୂତ୍ର, ବ୍ୟାଙ୍ଗଲନ୍ସ ଭଳି ଗହଣା ତିଆରି କରୁଛନ୍ତି । ଯାହା ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସୁଛି । ପ୍ରକୃତିର ଉପାଦାନ ବାଉଁଶରେ ଅଳଙ୍କାର ପ୍ରସ୍ତୁତ କରି ଆଦିବାସୀ ଏବେ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ରାୟଗଡ଼ ଜିଲ୍ଲା କୋଲନରା ବ୍ଲକ୍ ବଡ଼ଚାନ୍ଦିଲି ଗାଁର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ବାଉଁଶ ଗହଣା ତିଆରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଏହି ଅଳଙ୍କାରକୁ ବଜାରରେ ବିକ୍ରି କରି ସେମାନେ ମାସିକ ୭ରୁ ୧୦ ହଜାର ଟଙ୍କା ରୋଜଗାର କରୁଛନ୍ତି । ଭୁବନେଶ୍ୱରର ଇକୋଫ୍ରେଣ୍ଡଲି ଅଳଙ୍କାର କାରିଗର ପ୍ରିୟଦର୍ଶିନୀ ଦାଶ ରାୟଗଡ଼ା ଭଳି ଅଦିବାସୀ ଅଧ୍ୟୁଷିତ ଅଞ୍ଚଳର ଯୁବତୀମାନଙ୍କୁ ବିଭିନ୍ନ ପ୍ରକାରର ଅଳଙ୍କାର ତିଆରି ତାଲିମ ଦେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଫାର୍ମ ଟୁ ଫ୍ୟାସନ୍ କନ୍‌ସେପ୍ଟରେ 'ସ୍ୱର୍ଶ ଫାଉଣ୍ଡେସନ' ତରଫରୁ ମହିଳାଙ୍କୁ ସଶକ୍ତୀକରଣ କରିବା ଉଦ୍ଦେଶ୍ୟରେ ଏହି ତାଲିମ ଦିଆଯାଉଛି । ପାହାଡ଼ିଆ ଅଞ୍ଚଳରୁ ଖୁବ୍ କମ୍ ଦାମରେ ବାଉଁଶ ମିଳୁଥିବାବେଳେ ଅଳଙ୍କାର ପ୍ରସ୍ତୁତ କରିବାରେ କମ୍ ଖର୍ଚ୍ଚ ହେଉଛି । ସ୍ଥାନୀୟ ବଜାର ସହ ରାଜ୍ୟ ତଥା ରାଜ୍ୟ ବାହାରେ ଏହାକୁ ଚାହିଦା ବଢ଼ୁଛି ।



# ବାଉଁଶ ଓ କାଇଁଚ ହସ୍ତଶିଳ୍ପ



ସେହିପରି ରାୟଗଡ଼ା ଜିଲ୍ଲାର କାରିଗରମାନେ ବାଉଁଶରୁ ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ଉପକରଣ ମଧ୍ୟ ଉତ୍ପନ୍ନ ହୋଇଥାଏ । ନିଖୁଣ କାରିଗରି ଏବଂ କଳାକୌଶଳ ପ୍ରୟୋଗ କରି ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ବଡ଼ଚାନ୍ଦଲି ଗ୍ରାମର ଶିକ୍ଷିତ ଯୁବତୀ ବାଉଁଶରେ ତିଆରି କରୁଛନ୍ତି ମନଲାଖି ଭଳିକି ଭଳି ଅଳଙ୍କାର । ବାଉଁଶରୁ ପ୍ରସ୍ତୁତ ହେଉଥିବା ଏହି ଅଳଙ୍କାରରେ ଭରି ରହିଛି ନିଖୁଣ କଳାକୃତି ।

କେନ୍ଦ୍ରାପଡ଼ାର ଅଦ୍ୱିତୀୟ କଳା କାଇଁଚ ଶିଳ୍ପକୁ ଜିଲ୍ଲାରେ କୁଟୀର ଶିଳ୍ପର ମାନ୍ୟତା ମିଳିବା ପରେ ଜିଲ୍ଲାରେ କାରିଗରଙ୍କ ବଢ଼ିଛି ଆଗ୍ରହ । ଆଉ ଶିଳ୍ପୀଙ୍କ ଆଗ୍ରହକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଆଗେଇ ଆସିଛି ଫାବ୍ ଇଣ୍ଡିଆ । ଏହି ଯୋଜନା ସଫଳ ହୋଇପାରିଲେ କେନ୍ଦ୍ରାପଡ଼ା ଜିଲ୍ଲା କାଇଁଚ କାରିଗରଙ୍କ ଭାଗ୍ୟ ବଦଳିବ । ଏଥିରୁ ତିଆରି ହୁଏ ଭୋଗ ଡାଲା,ପରିବା ଝୁଡ଼ି,ଆସନ,ଘର ସଜ୍ଜା ଜିନିଷ, ଈଶ୍ୱରଙ୍କ ବିଭିନ୍ନ ପ୍ରତିରୂପ ଇତ୍ୟାଦି ଆକର୍ଷଣୀୟ କଳାକୃତି ।



ସେହିପରି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଶହ ଶହ ହେକ୍ଟର ଜମିରେ ସବାଇ ଘାସ ଚାଷ ହୋଇଥାଏ । ଚାଷ ବାସରୁ ସମୟ ମିଳିଲେ ଲୋକମାନେ ଦୌଡ଼ି ବୋଳି ବିକ୍ରି କରିଥାଆନ୍ତି । ଗାଁ ଗାଁରେ ଘରେ ଘରେ ଲୋକେ ଏହି ବୃତ୍ତିକୁ ଅପଣାଇଛନ୍ତି । ଏଥିରୁ ଉପାର୍ଜିତ ଅର୍ଥରେ ସେମାନେ ପରିବାର ଭରଣପୋଷଣ କରିଥାଆନ୍ତି । ସବାଇ ଘାସ କେବଳ ଦୌଡ଼ି ତିଆରିରେ ସୀମିତ ହୋଇ ରହିନାହିଁ । ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ସବାଇ ଘାସରେ ତିଆରି ହେଉଛି ଟେବୁଲ୍, ଚେୟାର, ଫୁଲଦାନି ଓ ଭଳିକି ଭଳି ଘର ସାଜସଜ୍ଜା ସମଗ୍ରୀ । ଏହାର ଚାହିଦା ଭଲ ରହିଛି ।

ବେତ କାମ ପାଇଁ ଖୋର୍ଦ୍ଧା ଜିଲ୍ଲାର ବାଣପୁର ସାରା ଓଡ଼ିଶା ପ୍ରସିଦ୍ଧ । ଚେୟାର, ଟେବୁଲ, ବ୍ୟାଗ, ମୋବାଇଲ୍ ଷ୍ଟାଣ୍ଡ, ବେଡ୍‌ଲାଇଟ୍, ପେନ୍ ଷ୍ଟାଣ୍ଡ, ହ୍ୟାଣ୍ଡବ୍ୟାଗ୍, ଆସନ, ଅଳଙ୍କାର, ଘରୋଇ ଉପକରଣ ଓ ବାଉଁଶ ପାତିରେ ତିଆରି ହେଉଛି ଭଳିକି ଭଳି ସୁନ୍ଦର କାରୁକାର୍ଯ୍ୟରେ ଆର୍କଷଣୀୟ ସାମଗ୍ରୀ ।



ଶିଙ୍ଗ ହସ୍ତଶିଳ୍ପ କଳା କାରିଗରି ପାଇଁ ରାଜ୍ୟରେ ପାରଳାଖେମୁଣ୍ଡି ଜିଲ୍ଲାର ନାଁ ପ୍ରସିଦ୍ଧ ରହିଛି । ଏହାବ୍ୟତୀତ ଓଡ଼ିଶାର ଆହୁରି କେତେକ ସ୍ଥାନର ହସ୍ତଶିଳ୍ପ କାରିଗରମାନେ ଶିଙ୍ଗରେ ବିଭିନ୍ନ କଳାକୃତି କରିଥାନ୍ତି । କିନ୍ତୁ ଶିଙ୍ଗର ପାନିଆ ସବୁଠୁ ଲୋକପ୍ରିୟ । ଶିଙ୍ଗ ପାନିଆ ଓ ଶିଙ୍ଗ ତିଆରି ବିଭିନ୍ନ କଳାକୃତିର ବେଶ୍ ଚାହିଦା ରହିଛି । ଏହିପରି ଓଡ଼ିଶାରେ ଆହୁରି ଅନେକ ହସ୍ତଶିଳ୍ପ ରହିଛି । ଯାହାର ରାଜ୍ୟ ତଥା ରାଜ୍ୟ ବାହାରେ ବେଶ୍ ଚାହିଦା ରହିଛି ।



## ଆତ୍ମନିର୍ଭରଶୀଳତା ପାଇଁ ହସ୍ତଶିଳ୍ପ ପ୍ରଦର୍ଶନୀ

ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ହସ୍ତଶିଳ୍ପ ବିକ୍ରି ଓ ପ୍ରଚାରପ୍ରସାର ପାଇଁ ପ୍ରଦର୍ଶନୀର ଆୟୋଜନ କରାଯାଉଛି । 'ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା' ପ୍ରତିବର୍ଷ ଭୁବନେଶ୍ୱରରେ ଆୟୋଜିତ ହୋଇଥାଏ । ଏଠାରେ ହସ୍ତଶିଳ୍ପ ଏବଂ ହସ୍ତତନ୍ତର ପ୍ରଦର୍ଶନ ଏବଂ ବିକ୍ରୟ ହୋଇଥାଏ । ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାର ଶହ ଶହ କାରିଗର ଏବଂ ବୁଣାକାର ଅଂଶଗ୍ରହଣ କରିଥାନ୍ତି । ଏହି ମେଳାରେ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ଜମିଥାଏ । ପୁରୀରେ ମଧ 'ତୋଷାଳି ହସ୍ତଶିଳ୍ପ ମେଳା'ର ବିରାଟ ଆୟୋଜନ କରାଯାଇଥାଏ । ଚଳିତ ବର୍ଷ 'ଉତ୍କଳିକା' ପକ୍ଷରୁ ୪୪ଟି ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଥିଲା । ଏଠାରେ ୧୮ ଜିଲ୍ଲାରୁ ୬୨ଜଣ ହସ୍ତଶିଳ୍ପ କାରିଗର ଅଂଶଗ୍ରହଣ କରି ନିଜ ସାମଗ୍ରୀର ବିକ୍ରି କରିଥିଲେ । ସେଥିମଧ୍ୟରୁ ପଟ୍ଟଚିତ୍ର, ଚାନ୍ଦୁଆ କାର୍ଯ୍ୟ, ସବାଇ ଘାସ ନିର୍ମିତ ଗୃହୋପକରଣ, ଶିଙ୍ଗ କଳାକୃତି ଆଦି ୨୨ ପ୍ରକାର ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନ କରାଯାଇଥିଲା ।

ସେହିପରି ଭୁବନେଶ୍ୱରର ଏକାମ୍ର ହାଟରେ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକୁ ଲୋକେ କିଣିବା ସୁଯୋଗ ପାଇପାରୁଛନ୍ତି । ହସ୍ତଶିଳ୍ପ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକ୍ରି ପାଇଁ ଭୁବନେଶ୍ୱରର ଏକାମ୍ର ହାଟରେ ପ୍ରତିବର୍ଷ ହସ୍ତଶିଳ୍ପ ମେଳା ଆୟୋଜିତ ହୋଇଥାଏ । ପ୍ରତିବର୍ଷ ଓଡ଼ିଶାର ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଜଗତସିଂହପୁର, ମୟୂରଭଞ୍ଜ, କଟକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଭଦ୍ରକ, ସମ୍ବଲପୁର ଆଦି ବିଭିନ୍ନ ଜିଲ୍ଲାରେ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରିର ଆୟୋଜନ କରାଯାଉଛି ।



## ଓଡ଼ିଶାର ହସ୍ତଶିଳ୍ପ ସଂଗ୍ରହାଳୟ

ଓଡ଼ିଶାର ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ରହିଛି । ଏହାର ଗୁଣବତ୍ତା ବିବିଧ ହସ୍ତଶିଳ୍ପ ମାଧ୍ୟମରେ ପ୍ରକାଶ ପାଇଛି । କାରିଗରମାନଙ୍କ ହସ୍ତକଳାର ସୂକ୍ଷ୍ମ କାରୁକାର୍ଯ୍ୟରେ ପାରମ୍ପରିକ କଳା ସହିତ ଇତିହାସ, ପୁରାଣ ଏବଂ ଧାର୍ମିକ ପ୍ରଥାକୁ ପ୍ରତିଫଳିତ ହୋଇଥାଏ । ଜଟିଳ ରୁପା କାମଠାରୁ ଆରମ୍ଭ କରି ଟେରାକୋଟା ପର୍ଯ୍ୟନ୍ତ ଓଡ଼ିଶାର ହସ୍ତଶିଳ୍ପରେ କାରିଗରମାନଙ୍କ ଦକ୍ଷତା ଏବଂ ସୃଜନଶୀଳତାର ପ୍ରମାଣ ମିଳେ । 'କଳାଭୂମି' ନାମରେ ଭୁବନେଶ୍ୱରରେ ରହିଛି ଓଡ଼ିଶା ହସ୍ତଶିଳ୍ପର ସଂଗ୍ରହାଳୟ । ୨୦୧୮ ମସିହାରେ ଏହି ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଥିଲା । ସଂଗ୍ରହାଳୟରେ ୧୦ଟି ପ୍ରକୋଷ୍ଠ ଅଛି, ଯେଉଁଥିରୁ ବର୍ତ୍ତମାନ ୮ ଟି ପ୍ରକୋଷ୍ଠ ଖୋଲା ହୋଇଛି । ଟେରାକୋଟା, ପାରମ୍ପରିକ ଚିତ୍ରକଳା, ପଥର ଏବଂ କାଠ ଖୋଦେଇ କଳା, ଧାତୁନିର୍ମିତ ହସ୍ତଶିଳ୍ପ ସାମଗ୍ରୀ, ପ୍ରାକୃତିକ ହସ୍ତଶିଳ୍ପ, ଆଦିବାସୀ ହସ୍ତଶିଳ୍ପ, ପ୍ରାକ-ବୟନ ବିଧି, ହାତବୁଣା ବସ୍ତ୍ର ଇତ୍ୟାଦି ରହିଛି । ଏହି ପ୍ରଦର୍ଶିତ ହସ୍ତକଳାର ଅନେକ କାରିଗରଙ୍କୁ ଦେଶ ବାହାରେ ମଧ ସମ୍ମାନିତ କରାଯାଇଛି ।



## ସରକାରୀ ପ୍ରୋତ୍ସାହନ

ଓଡ଼ିଶାର ଅନେକ ଜିଲ୍ଲା ସ୍ୱତନ୍ତ୍ର ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧ । ଆଦିବାସୀ ଅଳଙ୍କାର, ଆପ୍ଲିକ୍, ପାଟା ଏବଂ ତାସର ପେଣ୍ଟିଂ, ପଥର ଖୋଦନ, କାଠ ଖୋଦନ, ଖଜୁରି ପତ୍ର ଚିତ୍ର, ଜଟ ଶିଳ୍ପ, ସୁବର୍ଣ୍ଣ ଘାସ ଶିଳ୍ପ, ସାବାଇ ଘାସ ଶିଳ୍ପ, ଲାକର କାର୍ଯ୍ୟ, କାଗଜ ମୁଖା, ନଡ଼ିଆ କତା ଶିଳ୍ପ ଆଦି ବିଭିନ୍ନ ହସ୍ତଶିଳ୍ପକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଇଆସୁଛନ୍ତି । ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ବୃଦ୍ଧି କରିବା ପାଇଁ ଖ୍ୟାତିସମ୍ପନ୍ନ ଶିଳ୍ପୀମାନଙ୍କୁ ନିୟୋଜିତ କରି ବିଭିନ୍ନ ଶିଳ୍ପରେ କାରିଗରମାନଙ୍କୁ ତାଲିମ ଦେବା ପାଇଁ ଏହି ଯୋଜନାକୁ ପୁନର୍ବାର ଆରମ୍ଭ କରାଯାଇଛି । ହସ୍ତଶିଳ୍ପରେ ସର୍ବନିମ୍ନ ପୁଞ୍ଜି ବିନିଯୋଗ କରି ରୋଜଗାର ପାଇଁ ସର୍ବୋତ୍ତମ ସୁଯୋଗ ଯୋଗାଇଥାଏ । ତାଲିମପ୍ରାପ୍ତ ବ୍ୟକ୍ତିମାନେ ବ୍ୟାଙ୍କ ଲିଙ୍କେଜ୍ କିମ୍ବା ନିଜସ୍ୱ ଫାଇନାନ୍ସ ସହିତ ବ୍ୟବସାୟିକ କାର୍ଯ୍ୟକଳାପ ଗ୍ରହଣ କରନ୍ତି । ହସ୍ତଶିଳ୍ପ କାରିଗରମାନଙ୍କୁ ମାର୍କେଟିଂ ସହାୟତା ଯୋଗାଇବା ପାଇଁ ଓଡ଼ିଶା ରାଜ୍ୟ ସମବାୟ ହସ୍ତତନ୍ତ ନିଗମ ଲିମିଟେଡ୍ (OSCHC) ୧୯୫୯ ମସିହାରେ ପ୍ରତିଷ୍ଠା କରାଯାଇଛି । ଏହା ବ୍ୟତୀତ ଏହା ବିକାଶମୂଳକ କାର୍ଯ୍ୟକଳାପ, ଯେପରିକି କଞ୍ଚାମାଲ ବ୍ୟାଙ୍କ ଖୋଲିବା, ଫଟୋ କାର୍ଡ, ସ୍କିଲ୍ ଟ୍ରେନିଂ, ଉତ୍ପାଦ ବିକାଶ କାର୍ଯ୍ୟକ୍ରମ, ଜିଆଇ ପଞ୍ଜୀକରଣ ଇତ୍ୟାଦି ସହିତ ପ୍ରଦର୍ଶନୀ ଆୟୋଜନ ମଧ କରିଥାଏ ।




# ପଟ୍ଟଚିତ୍ରର ଗାଁ ରଘୁରାଜପୁର

ହେମନ୍ତ ନାୟକ, ପୁରୀ

ଓଡ଼ିଶାର ପ୍ରାଚୀନ ତଥା ପାରମ୍ପରିକ ଚିତ୍ରକଳାର ବିଭବ ହେଉଛି ପଟ୍ଟଚିତ୍ର । ଜଗନ୍ନାଥ ସଂସ୍କୃତିକୁ ନେଇ ଏହାର ସୃଷ୍ଟି । ଏହା ମୁଖ୍ୟତଃ ଜଗନ୍ନାଥ ତଥା ହରି ଓ ରାଧାଙ୍କ ପ୍ରେମକଥାର ବର୍ଣ୍ଣନାକୁ ନେଇ ଅଙ୍କା ଯାଇଥାଏ । ପଟ୍ଟ ଶବ୍ଦର ଅର୍ଥ 'କନା' ବା 'କପଡ଼ା' । ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କପଡ଼ା ଉପରେ ଅଙ୍କିତ ଚିତ୍ରକୁ ପଟ୍ଟଚିତ୍ର କୁହାଯାଏ । ଏଥିରେ ନାନା ପ୍ରକାର ଆଧ୍ୟାତ୍ମିକ ଚିତ୍ର ଅଙ୍କା ଯାଇଥାଏ । ରାମାୟଣ, ମହାଭାରତ, କୃଷ୍ଣଜନ୍ମ, ବିଷ୍ଣୁ ଅବତାର ଆଦି ବିଭିନ୍ନ କାହାଣୀକୁ ନେଇ ଏହାର ଚିତ୍ର ଅଙ୍କନ କରାଯାଏ ।





## ପଟ୍ଟଚିତ୍ରର ଇତିହାସ

ପଟ୍ଟଚିତ୍ରର ଇତିହାସ ବହୁ ପୁରୁଣା । ଶ୍ରୀକ୍ଷେତ୍ର ଧାମ ପୁରୀର ରଘୁରାଜପୁରରେ ପ୍ରାୟ ପଞ୍ଚମ ଖ୍ରୀଷ୍ଟାବ୍ଦରେ ପଟ୍ଟଚିତ୍ର କଳା ଜନ୍ମଲାଭ କରିଥିଲା ବୋଲି କେହି କେହି ମତ ଦିଅନ୍ତି । କିନ୍ତୁ ଏହା ବି କୁହାଯାଏ ଜଗନ୍ନାଥ ଯେବେଠୁ, ପଟ୍ଟଚିତ୍ର ପରମ୍ପରା ବି ସେବେଠୁ । କାରଣ ଶ୍ରୀମନ୍ଦିର ସହ ଏହା ଜଡ଼ିତ । ରଥଯାତ୍ରା ସମୟରେ ସ୍ନାନଯାତ୍ରା ପରେ ଶ୍ରୀଜୀଉ ଅଣସର ଘରେ ଥିବାବେଳେ ତାଙ୍କ ସ୍ଥାନରେ ପୂଜା ପାଇଥାନ୍ତି ପଟିଦିଅଁ । ତେଣୁ ଶିଳ୍ପୀମାନେ ନିଜକୁ ଜଗନ୍ନାଥଙ୍କ ସେବକ ବୋଲି ପରିଚୟ ଦେଇଥାନ୍ତି । ଏଇଠୁ ହିଁ ଅନୁମାନ କରିପାରିବା କାହିଁ କେଉଁ କାଳରୁ ପଟ୍ଟଚିତ୍ର ପରମ୍ପରା ଆମ ରାଜ୍ୟରେ ରହିଆସିଛି । ଚନ୍ଦନପୁର ନିକଟ ରଘୁରାଜପୁର ଗାଁ ଏହି କଳାକୁ ଜୀବିତ କରି ରଖିଛି । ଏହି ଗାଁରେ ହିଁ ପଟ୍ଟଚିତ୍ର କଳାର ଅଭୂତପୂର୍ବ ବିକାଶ ଘଟିଛି । ୨୦୦୮ ମସିହାରେ ଏହି ପୁରାତନ କଳାକୁ ମିଳିଛି ଜିଆଇ ମାନ୍ୟତା । ଏମିତି ବି ଶୁଣିବାକୁ ମିଳେ ପଟ୍ଟଚିତ୍ର ଲୋକପ୍ରିୟତା ପାଇବା ପଛରେ ହେଲିନା ଜୋଲି ନାମକ ଜଣେ ଆମେରିକୀୟ ମହିଳାଙ୍କ ହାତ ରହିଛି । ଯିଏ ପୁରୀକୁ ବୁଲିବାକୁ ଆସିଥିବା ସମୟରେ ଏହି ନିଆରା କଳା ସମ୍ପର୍କରେ ଜାଣିବାକୁ ପାଇଥିଲେ ଓ ଏହାକୁ କିଣି ନେଇ ଏହାର ପ୍ରଚାର ପ୍ରସାର କରିଥିଲେ ଏବଂ ଅନ୍ୟମାନଙ୍କୁ ଏହି ଅନନ୍ୟ କଳା ସମ୍ପର୍କରେ ଜଣାଇଥିଲେ । ଯାହା ଫଳରେ ପଟ୍ଟଚିତ୍ର ଧୀରେ ଧୀରେ ଲୋକଲୋଚନକୁ ଆସିବାକୁ ଲାଗିଥିଲା । ଏହାର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଚମତ୍କାର କଳାକୁ କେବଳ ରାଜ୍ୟ ନୁହେଁ, ବିଦେଶୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ।

## ଦେବ-ଉତ୍ସର୍ଗ କଳା ପଟ୍ଟଚିତ୍ର

ପଟ୍ଟଚିତ୍ର ଓଡ଼ିଶୀ ଚିତ୍ରକଳାର ବିଭିନ୍ନ ବିଭବ ମଧ୍ୟରୁ ଶ୍ରେଷ୍ଠ । ଏହା ଏକ ଦେବ-ଉତ୍ସର୍ଗ କଳା । କେବଳ ଏଇଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଣସର ପଟି ହେଉଛି ପଟ୍ଟଚିତ୍ରର ପ୍ରଥମ ଅନୁକୂଳିତ ଅବସ୍ଥା । ଯାହାକୁ ଚିତ୍ରକର ସେବକ ଅତ୍ୟନ୍ତ ନିଷ୍ଠା ଓ ଶ୍ରଦ୍ଧା ପୂର୍ବକ ପ୍ରସ୍ତୁତ କରିଥାନ୍ତି । ସମ୍ପ୍ରତି ଯେଉଁ ପଟ୍ଟଚିତ୍ରର ଧାରା ଉପଲବ୍ଧ ହୋଇଥାଏ ତାହା ପୁରୀ, ରଘୁରାଜପୁର, ଦାଣ୍ଡସାହି ଗାଁ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ନମୁନା । ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ସମୟରୁ ଏହି ପଟ୍ଟଚିତ୍ର ଧାରା ଆଜି ପର୍ଯ୍ୟନ୍ତ ଚଳି ଆସୁଅଛି । ଅନ୍ୟାନ୍ୟ ଭାରତୀୟ ଚିତ୍ରକଳାଠରୁ ଏହାର ଭାବ, ଅଳଙ୍କରଣ, ଚିତ୍ର ସଂଯୋଜନା କୌଣସି ଗୁଣରେ କମ୍ ନୁହେଁ ।

ଚିତ୍ରକରମାନେ ଲୁଗାକୁ ତେନ୍ତୁଳି ମଞ୍ଜି ଅଠା ଦ୍ୱାରା ଦୁଇପରସ୍ତ ଯୋଡ଼ି ପର୍ଯ୍ୟାୟକ୍ରମେ ଶୁଖାଇ ଖଡ଼ି ବୋଳାଇ ଥାନ୍ତି । ପରେ ଘଷା ପଥର ଦ୍ୱାରା ଘଷି ଏହାକୁ ମସୃଣ କରାଯାଏ । ଆବଶ୍ୟକ ସାଇଜ୍ ଅନୁଯାୟୀ, ପଟିକୁ କାଟି ଚିତ୍ର କରାଯାଏ । ଶଙ୍ଖ(ଧଳା), ହିଙ୍ଗୁଳ (ଲାଲ୍), ହରିତାଳ (ହଳଦିଆ), ଢାରୁ (ଗେରୁ) ଓ ଦୀପ କଳା ହେଉଛି ପଟ୍ଟଚିତ୍ରର ମୌଳିକ ରଙ୍ଗ । ଏଥିସହିତ କଇଁଥ ଅଠା ସହିତ ମିଶାଇ ନଡ଼ିଆ ଶଢ଼େଇ ପାତ୍ରରେ ରଙ୍ଗ ପ୍ରସ୍ତୁତ କରାଯାଏ । ପଟ୍ଟଚିତ୍ର ଅଙ୍କନ ହେଉଛି ରେଖାପ୍ରଧାନ । ଚିତ୍ରରେ ଚରିତ୍ର ମୁତାବକ ରଙ୍ଗ ଦିଆଯାଇ ଏହା ପ୍ରସ୍ତୁତ ହୁଏ ।



ପଟ୍ଟଚିତ୍ର କେବଳ ଧର୍ମକୈନ୍ଦ୍ରିକ ନ ହୋଇ ବର୍ତ୍ତମାନ ଗ୍ରାହକଙ୍କ ରୁଚି ଅନୁଯାୟୀ ପ୍ରସ୍ତୁତ କରାଯାଉଛି । ଏଥିରେ ବିଭିନ୍ନ ସାମାଜିକ ଚିତ୍ରାବଳୀ ସ୍ଥାନ ପାଇଲାଣି । ପଟ୍ଟଚିତ୍ରର ଚାହିଦା ଏବେ ବି ରହିଛି । ବିଶେଷକରି ବାହାର ପର୍ଯ୍ୟଟକଙ୍କ ଉପରେ ଏହାର ବ୍ୟବସାୟ ନିର୍ଭର କରିଥାଏ । କୋଭିଡ୍ ସମୟରେ ପଟ୍ଟଚିତ୍ର ଶିଳ୍ପୀ ବିଶେଷ ଭାବେ ପ୍ରଭାବିତ ହୋଇଥିଲା । ଏବେ କିନ୍ତୁ ଏହି ବ୍ୟବସାୟ ପୂର୍ବସ୍ଥିତିକୁ ଫେରୁଥିବା ବେଳେ ଶିଳ୍ପୀ ଓ ବ୍ୟବସାୟୀ ମଧ୍ୟ ଉପକୃତ ହେଉଛନ୍ତି ।

## ପଟ୍ଟଚିତ୍ର ଓ ରଘୁରାଜପୁର



ରଘୁରାଜପୁର ଚିତ୍ର ଓ ନୃତ୍ୟ ବିଦ୍ୟାର ଏକ ଉର୍ବର ଭୂମି । ଓଡ଼ିଶାର ପାରମ୍ପରିକ କଳା ଓ କାରିଗରି କ୍ଷେତ୍ରରେ ଏକ ଉଜ୍ଜ୍ୱଳ ନାମ । ରଘୁରାଜପୁର ନାଁ ଉଠିଲେ ଗାଁର କମନୀୟ ପଟ୍ଟଚିତ୍ର, ଅନ୍ୟାନ୍ୟ ହସ୍ତଶିଳ୍ପ ସମ୍ଭାର, ମନୋମୁଗ୍ଧକର ଗୋଟିପୁଅ ନୃତ୍ୟ ଆପଣାଛାଏଁ ଆଖିଆଗକୁ ଚାଲିଆସେ । କଳା ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଗାଆଁଟିଏ । ଭିନ୍ନ ଭିନ୍ନ ସମ୍ପ୍ରଦାୟର ହୋଇଥିଲେ ହେଁ ପ୍ରତ୍ୟେକ ପରିବାର ନିଜର କୌଳିକ ବୃତ୍ତିକୁ ଭୁଲି କଳା ସାଧନାକୁ ନିଜ ବଞ୍ଚିବାର ରାହା ରୂପେ ଗ୍ରହଣ କରି ନେଇଛନ୍ତି । ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମ ବିଭୂଷଣ କେଳୁଚରଣ ମହାପାତ୍ର, ପଟ୍ଟଚିତ୍ରର ମହାନ ଗୁରୁ ଡ. ଜଗନ୍ନାଥ ମହାପାତ୍ର, ସୁନାମଧନ୍ୟ ଗୋଟିପୁଅ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଦାସ ଏବଂ ବିଶିଷ୍ଟ ମର୍ଦ୍ଦଳଗୁରୁ ବାଦ୍ୟଭୂଷଣ ବନମାଳୀ ମହାରଣାଙ୍କଠାରୁ ଆରମ୍ଭ କରି ଅନେକ ପ୍ରସିଦ୍ଧ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଜନ୍ମସ୍ଥାନ ଏହି ଗାଁ । କେବଳ ପଟ୍ଟଚିତ୍ର ନୁହେଁ, ଏଠାରେ ମଠାକନା ଚିତ୍ର, ତାଳପତ୍ର ଖୋଦେଇ କାମ, କାଗଜମୁଖା, ଗୋବର କଣ୍ଢେଇ, ପଥର ଖୋଦେଇ, କାଠ ଖୋଦେଇ ଓ ଚିତ୍ର, ନଡ଼ିଆ, ପୋଲାଙ୍ଗ ଚିତ୍ର, କାଠ ଫରୁଆ, ଫୁଲଦାନୀ ଚିତ୍ର, ନଡ଼ିଆ କତାରେ ମଧ୍ୟ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରାଯାଏ । ପ୍ରତିଦିନ ଏହି ଗାଁକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ହେଲେ ଆଜି ବି ପଟ୍ଟଚିତ୍ର ଏବଂ ଏହାର ଶିଳ୍ପୀଙ୍କୁ ଆହୁରି ପ୍ରୋତ୍ସାହନ ଓ ସହାୟତା ଦରକାର, ଯେଉଁଥିରେ ସେମାନଙ୍କର ଆର୍ଥିକ ସ୍ଥିତି ଅଧିକ ସୁଦୃଢ଼ ହୋଇପାରିବ ।

# ସାରା ବିଶ୍ୱରେ ପିପିଲି ଚାନ୍ଦୁଆର ଆଦର

ପ୍ରଦୀପ ବଡ଼େଇ, ପିପିଲି

ପୁରୀ ଜିଲ୍ଲାର ପିପିଲି । ଚାନ୍ଦୁଆ ପାଇଁ ଦେଶବିଦେଶରେ ପ୍ରସିଦ୍ଧ ପିପିଲି । ପୁରୀରୁ ଭୁବନେଶ୍ୱର ଯିବା ରାସ୍ତାରେ ପିପିଲି ପୁରୁଣା ରାସ୍ତାରେ ଗଲେ ନିମାପଡ଼ା ଛକଠାରୁ ଆରମ୍ଭ ହୋଇଥାଏ ଦରଜି ସାହି ଗ୍ରାମ । ଏହି ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ଦରଜି ପରିବାର ବାସ କରୁଛନ୍ତି । ଏହି ଗ୍ରାମର ପ୍ରାୟ ପରିବାରର ସଦସ୍ୟମାନେ ପ୍ରତ୍ୟକ୍ଷ ହେଉ ଅଥବା ପରୋକ୍ଷରେ ଏହି ଚାନ୍ଦୁଆ ଶିଳ୍ପ ଉପରେ ନିର୍ଭର କରିଥାନ୍ତି । ତେବେ କେବଳ ଦରଜି ପରିବାର ଏହି କୌଳିକ ବୃତ୍ତିକୁ ଆପଣେଇଛନ୍ତି ତାହା ନୁହେଁ, ସଂଖ୍ୟାଲଘୁ ସମ୍ପ୍ରଦାୟର ଅନେକ କାରିଗର ଏହି ଚାନ୍ଦୁଆ ଶିଳ୍ପକୁ ଜୀବନଜୀବିକା ଭାବରେ ଆଦରି ନେଇଛନ୍ତି ।







## ଚାନ୍ଦୁଆ ତିଆରି ପଛର ଗାଥା

ଇତିହାସ କୁହେ ପୁରୀର ଗଜପତି ରାଜା ବୀରକେଶରୀ ଦେବ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରାରେ ରଥାରୂଢ଼ ତିନିଠାକୁରଙ୍କ ଅଙ୍ଗବସ୍ତ୍ର ଏବଂ ରଥ କପଡ଼ା ପାଇଁ ଆବଶ୍ୟକ ହେଉଥିବା ଚାନ୍ଦୁଆ ସିଲେଇ କରିବା ପାଇଁ ଶ୍ରୀକ୍ଷେତ୍ରରେ ଦରଜି ସେବାୟତମାନଙ୍କୁ ନିୟୋଜିତ କରିଥିଲେ । କାଳକ୍ରମେ ଦରଜି ସେବାୟତମାନଙ୍କ ସଂଖ୍ୟା ବଢ଼ିବାରୁ ଗଜପତି ଦ୍ୱିତୀୟ ପୁରୁଷୋତ୍ତମ ଦେବ ମାତ୍ର ଦଶ ଘର ଦରଜି ପରିବାରଙ୍କୁ ଛାଡ଼ି ଅନ୍ୟମାନଙ୍କୁ ପିପିଲିରେ ଅବସ୍ଥାନ କରାଇଥିଲେ । ସେଠାରେ ଗଜପତି ପୁରୁଷୋତ୍ତମ ଦେବ ପତିତପାବନ ମନ୍ଦିର ପ୍ରତିଷ୍ଠା କରାଇ ଦରଜିମାନଙ୍କୁ ସେବା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେବେଠାରୁ ଏହି ଦରଜି ପରିବାରମାନେ ପତିତପାବନଙ୍କ ସେବା ସହିତ ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟରେ ସୁନ୍ଦର ସୁନ୍ଦର ଚାନ୍ଦୁଆ ତିଆରି କରି ବିକ୍ରି ପାଇଁ ଦେଶବିଦେଶକୁ ପଠାଇଥାନ୍ତି । ଏବେ ଏହି ଦରଜିଙ୍କ ନିର୍ମିତ ଆକର୍ଷଣୀୟ ଚାନ୍ଦୁଆ ପାଇଁ ପିପିଲିର ପରିଚୟ ସୃଷ୍ଟି ହୋଇଛି ।

କୋଟି
କୋଟି ଓଡ଼ିଆଙ୍କ ଆରାଧ୍ୟ
ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ । ମହାପ୍ରଭୁଙ୍କ
ସେବା କରିବା ସୁଯୋଗକୁ କିଏ ବା କାହିଁକି ହାତ
ଛଡ଼ା କରିବ! ଯେତେବେଳେ ଯେଉଁଭଳି ଭାବରେ ସୁଯୋଗ
ମିଳିଛି ଭକ୍ତଟିଏ କେବେ ବି ସୁଯୋଗକୁ ହାତଛଡ଼ା କରିନାହିଁ ।
ଅଙ୍ଗବସ୍ତ୍ରଠାରୁ ଆରମ୍ଭ କରି ଆଲଟଚାମର, ଏପରିକି ରଥରେ
ଚନ୍ଦୁଆ ସେବା ଯୋଗାଇବା ପାଇଁ ସତେ ଯେମିତି ଭକ୍ତ ଆତୁର ।
ଘର ସୌନ୍ଦର୍ଯ୍ୟ ବୃଦ୍ଧିଠାରୁ ଠାକୁରଙ୍କ ସେବାରେ ଲାଗି ପର୍ଯ୍ୟନ୍ତ
ଚାନ୍ଦୁଆ ବିଭିନ୍ନ କାର୍ଯ୍ୟରେ ଆସିଥାଏ । ତେବେ ଆକର୍ଷଣୀୟ
ଓ ସୂକ୍ଷ୍ମ କାରୁକାରୁକାର୍ଯ୍ୟ ଖଚିତ ଚାନ୍ଦୁଆ କେଉଁଠି ତିଆରି
ହୁଏ, କେବେ ଆରମ୍ଭ ହୋଇଥିଲା ଚାନ୍ଦୁଆ ତିଆରି
ପରମ୍ପରା- ତାକୁ ନେଇ ପ୍ରସ୍ତୁତ ଏଇ
ସ୍ୱତନ୍ତ୍ର ରିପୋର୍ଟ ।

## ଦେବଦେବୀଙ୍କୁ ଚାନ୍ଦୁଆ ଲାଗି

ଚାନ୍ଦୁଆ କେବଳ ଘରର ଶୋଭାବର୍ଦ୍ଧନ କରେ ତାହା ନୁହେଁ, ଏହା ମୂଖ୍ୟତଃ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଲାଗିଥାଏ । ମୁଖ୍ୟତଃ ଦୋଳପୂର୍ଣ୍ଣିମୀ ଅବସରରେ ଠାକୁରଙ୍କ ଦୋଳ ବିମାନରେ ସାଜସଜ୍ଜା ହେଉ କି ବିଭିନ୍ନ ମଠ ମନ୍ଦିରରେ ଠାକୁରଙ୍କ ମଥା ଉପରେ ଦେବା ପାଇଁ ଖୋଜା ପଡ଼େ କାରିଗର ହାତରେ ତିଆରି ହୋଇଥିବା ଚାନ୍ଦୁଆ । ତେବେ ଏଥିରେ ମୁଖ୍ୟତଃ ଛତ୍ରି, ତ୍ରାସ, ଆଲଟ ବିମାନ, କୋଥଳି, ବଟୁଆ, ପଶାପାଲି ବିଶେଷ କରି ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥ କପଡ଼ା ଏବଂ ବିଭିନ୍ନ ପ୍ରକାରର ଘରକରଣା ଜିନିଷ ଆଦି ନିୟମିତ ଭାବରେ ତିଆରି କରାଯାଉଛି ।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଚାନ୍ଦୁଆ

ପୁରୀ ଏବଂ କୋଣାର୍କକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କେଉଁ ଆଦିମ କାଳରୁ ପିପିଲିର ଚାନ୍ଦୁଆ ସେମାନଙ୍କୁ ସ୍ୱାଗତ ଜଣାଉଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଚାନ୍ଦୁଆ ଦୋକାନଗୁଡ଼ିକ ଶୋଭାବର୍ଦ୍ଧନ କରୁଛି । ଚାନ୍ଦୁଆ ପ୍ରତି ଗ୍ରାହକଙ୍କ ଆଗ୍ରହ ବୃଦ୍ଧି ପାଉଥିଲେ ମଧ୍ୟ ମାନ୍ଦା ବ୍ୟବସାୟ ଯୋଗୁଁ ଉଭୟ ଚାନ୍ଦୁଆ କାରିଗର ଏବଂ ବ୍ୟବସାୟୀ ନାନା ସମସ୍ୟା ଦେଇ ଗତି କରୁଛନ୍ତି । ରାଜ୍ୟ ସରକାର ଚାନ୍ଦୁଆ ଶିଳ୍ପର ବ୍ୟାପକ ବିକାଶ ପାଇଁ ଉଭୟ ବ୍ୟବସାୟୀ ଏବଂ କାରିଗରଙ୍କ ନିମନ୍ତେ ବିଭିନ୍ନ ପ୍ରକାରର ଯୋଜନା କରୁଥିଲେ ମଧ୍ୟ ତାହାର ବାସ୍ତବ ସୁଫଳ ମିଳି ପାରୁନାହିଁ । ଭୁବନେଶ୍ୱରରୁ ପୁରୀକୁ ନୂତନ ଭାବରେ ୨୦୧୪ ସମିହାରେ ନିର୍ମାଣ କରାଯାଇଥିବା ଜାତୀୟ ରାଜପଥଟି ପିପିଲି ପୁରୁଣା ବଜାର ବା ଚାନ୍ଦୁଆ ବଜାର ଭିତରେ ନ ଯାଇ ବାଇପାସ୍ ହୋଇ ବଜାରଠାରୁ ଏକ କିଲୋମିଟର ଦୂରରେ ଯାଉଥିବାରୁ ପର୍ଯ୍ୟଟକମାନେ ପ୍ରକୃତ ଚାନ୍ଦୁଆ ବଜାରକୁ ଆସିପାରୁ ନାହାନ୍ତି । ତେଣୁ ପର୍ଯ୍ୟଟକଙ୍କ ଅନୁପସ୍ଥିତିରେ ବ୍ୟବସାୟୀ ହୁଅନ୍ତୁ ଅଥବା କାରିଗର ସମସ୍ତଙ୍କୁ କ୍ଷତି ସହିବାକୁ ପଡୁଛି । ସେପଟେ ଏଠାରୁ ଚାନ୍ଦୁଆ କାରିଗରି ଶିକ୍ଷା ଲାଭ କରିବା ପରେ ଅନେକେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୋକାନ ବଜାର କରି ଚାନ୍ଦୁଆ ବିକ୍ରି କରୁଛନ୍ତି । ତେବେ ପିପିଲି ଚାନ୍ଦୁଆର ଗୁଣାବତ୍ତା ଅନ୍ୟ କେଉଁଠି ଦେଖିବାକୁ ମିଳି ପାରୁ ନାହିଁ ।



## ରୋଜଗାରର ମାଧ୍ୟମ ଚାନ୍ଦୁଆ

୨୦୧୪ ମସିହା ନବକଳେବର ପୂର୍ବରୁ ପିପିଲିରେ ୨୩୭ ଜଣ ଚାନ୍ଦୁଆ କାରିଗର ଛୋଟବଡ଼ ଦୋକାନ କରି ନିଜ ଗୁଜୁରାଣ ମେଣ୍ଟାଉ ଥିଲେ । ସେହିପରି ପିପିଲି ଅଞ୍ଚଳର ୧୦ ଗୋଟି ପଞ୍ଚାୟତର ମହିଳା ଏବଂ ଯୁବତୀମାନେ ଚାନ୍ଦୁଆ କାରିଗରଙ୍କ କାରଖାନାକୁ ଆସି ଚାନ୍ଦୁଆ ତିଆରି କରି ନିଜ ନିଜର ପରିବାର ପ୍ରତିପୋଷଣ କରୁଥିଲେ । ତେବେ ଏବେ କାଁ ଭାଁ ବ୍ୟବସାୟୀଙ୍କ କାରଖାନାକୁ ଛାଡ଼ି ଦେଲେ ଅନେକ କାରଖାନାରେ ତାଲା ପଡ଼ିଛି । ସେପଟେ ଅନେକ ବ୍ୟବସାୟୀ ଚାନ୍ଦୁଆ ବ୍ୟବସାୟ ଛାଡ଼ି ପୋଷାକ ଏବଂ ଅନ୍ୟାନ୍ୟ ଦୋକାନ କରି ପରିବାର ପୋଷୁଛନ୍ତି । ଏବେ ପିପିଲିରେ ୩୫ରୁ ୪୦ ଚାନ୍ଦୁଆ ଦୋକାନ ରହିଥିବା ଦେଖିବାକୁ ମିଳୁଛି । କେତେକ କାରିଗର ବିଭିନ୍ନ ସୂତ୍ରରୁ ଋଣ ଆଣି ନିଜ କୁଳବେଉସା ଓ ବ୍ୟବସାୟକୁ ବହୁ କଷ୍ଟରେ ବଞ୍ଚାଇ ରଖିଛନ୍ତି ।

## ଭିତ୍ତିଭୂମିର ଅଭାବ

ଚାନ୍ଦୁଆ କାରିଗରଙ୍କ ସମସ୍ୟାକୁ ଦୂର କରିବା ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୧ ମସିହାରେ ପିପିଲି ଟୋଲ୍ ପ୍ଲାଜା ନିକଟରେ ୭ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ କରାଯାଇଥିଲା ଚାନ୍ଦୁଆ ନଗର । ଘର ନିର୍ମାଣ କରାଯାଇ ଏହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ସଂସ୍କୃତି ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ପ୍ରଦାନ କରାଯାଇଥିଲା । ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଠିକା ସଂସ୍ଥାକୁ ଏହାର ନିର୍ମାଣ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଘର ନିର୍ମାଣ ହେବାର ୧୪ ବର୍ଷ ପରେ ବି ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ । କହିବାକୁ ଗଲେ ଏହା ଏବେ ଭୂତକୋଠିରେ ପରିଣତ ହୋଇଛି ।





# ରୌପ୍ୟନଗରୀର ପରିଚୟ ତାରକସି

ଭାରତରେ ଅନେକ ଧାତୁ କଳା ଏବଂ ହସ୍ତଶିଳ୍ପ ରହିଛି ଯାହାକୁ ଅନ୍ତର୍ଜାତୀୟସ୍ତରରେ ମିଳିଛି ସ୍ୱୀକୃତି । ଏହି କଳା ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି ଓଡ଼ିଶାର ରୁପା ଫିଲିଗ୍ରୀ 'ରୁପା ତାରକାସି' । ତାରକସି କଳା ଶହ ଶହ ବର୍ଷର ପୁରୁଣା । ଐତିହାସିକମାନଙ୍କ ମତରେ, ଫିଲିଗ୍ରୀ କାର୍ଯ୍ୟ ପାଇଁ କଟକ ବହୁକାଳରୁ ପ୍ରସିଦ୍ଧି ଲାଭ କରିଛି । ସମଗ୍ର ବିଶ୍ୱରେ ରୁପା ତାରକସି କାମ ପାଇଁ କଟକକୁ ରୌପ୍ୟନଗରୀ ବା ସିଲଭର୍‌ସିଟିର ପରିଚୟ ମିଳିଛି ।

**ଭକ୍ତିଭୂଷଣ ମହାନ୍ତି**, ବାରିପଦା

## ରୁପା ତାରକସି କଳାର ଇତିହାସ

ରୌପନଗରୀରେ ରୁପା ତାରକାସି କାର୍ଯ୍ୟ ଉତ୍ପତ୍ତି ସମ୍ପର୍କରେ ସଠିକ୍ ଭାବରେ କୌଣସି ତଥ୍ୟ ମିଳେନାହିଁ। କେଉଁ ଆବାହମାନ କାଳରୁ କୁଶଳୀ କାରିଗରମାନଙ୍କ ଦ୍ୱାରା ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ତାରକସୀ କାମ ହୋଇଆସୁଛି । ତେବେ ଏହା ପ୍ରମାଣିତ ହୋଇଛି ଯେ ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ସହରରେ ରୁପା କାମ କରୁଥିବା କାରିଗରମାନେ ଥିଲେ । ଏହି ହସ୍ତଶିଳ୍ପ ମୋଗଲମାନଙ୍କ ଅଧୀନରେ ପୃଷ୍ଠପୋଷକତା ପାଇଥିଲା, ତେଣୁ ଏହି ହସ୍ତଶିଳ୍ପ ଉତ୍ପତ୍ତିର ଉତ୍ସ ଭାବରେ ସେମାନଙ୍କୁ ଶ୍ରେୟ ଦିଆଯାଉଥିବା କୁହାଯାଏ । ପୁଣି ଲୋକମୁଖରୁ ଶୁଣାଯାଏ ସାଧବମାନଙ୍କ ଅମଳରୁ ଦୀର୍ଘ ଦଶନ୍ଧି ଧରି ଏହି ରୁପା ତାରକସି କାର୍ଯ୍ୟ ଏଠାରେ ଚାଲି ଆସୁଛି । ନଦୀ ଓ ସମୁଦ୍ର ପଥରେ ଦକ୍ଷିଣ ଏସିଆର ଇଣ୍ଡୋନେସିଆ ଏବଂ ଅନ୍ୟାନ୍ୟ ଦେଶ ସମୂହ ସହ ବେପାର ବଣିଜ କରୁଥିବା ସାଧବମାନେ ଏହି ରୁପା ତାରକସି ଅଳଙ୍କାରକୁ ନେଇ କଟକରୁ ଯାଉଥିଲେ ।

## ତାରକାସିର ସୂକ୍ଷ୍ମ କାରୁକାର୍ଯ୍ୟ

ଅନ୍ୟପଟେ କଟକ ସହରର ବିଭିନ୍ନ ସାହିରେ ରୁପା ତାରକସି ଅଳଙ୍କାର ନିର୍ମାଣ ହେଉଛି । ମାନସିଂହପାଟଣା, ଅଲିଶାବଜାର, ନିମଚଉଡି, ମହମ୍ମଦିଆବଜାର, ବାଲୁବଜାର, ସାହବେଜାଦା ବଜାର, ନୟାସଡ଼କ, ଆଲାମଚାନ୍ଦ ବଜାର, ଖଟବିନ୍ ସାହି, ଶେଖବଜାର, ତେଲେଙ୍ଗାବଜାର, ଫିରିଙ୍ଗବଜାର ଭଳି ସହରର ଏକାଧିକ ଅଞ୍ଚଳରେ ତାରକସି କାରୁକାର୍ଯ୍ୟ କରାଯାଉଛି । ବିଭିନ୍ନ ସ୍ଥାନରେ ତାରକସି ଅଳଙ୍କାର ଦୋକାନ ରହିଛି, ଯେଉଁଠାରେ ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ତାରକସି ସାମଗ୍ରୀ ଉପଲବ୍ଧ ହେଉଛି । ଏହି ଜିଆଇ ମାନ୍ୟତା ମିଳିବା ପରେ ଏଠାରେ ଚାଲୁଥିବା ରୁପା ତାରକସି ବ୍ୟବସାୟରେ ଅନେକ ପରିବର୍ତ୍ତନ ଘଟିଛି ।












## ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି

ତାରକସି କାରୁକାର୍ଯ୍ୟ ପାଇଁ କଟକ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା ଲାଭ କରିଛି । ଓଡ଼ିଆ କାରିଗର ଏହି ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ଦେଶ ବିଦେଶରେ ହୋଇଛନ୍ତି ପ୍ରଶଂସିତ । ତେବେ ତାରକସି କାର୍ଯ୍ୟକୁ ଏକଦା ଉପଯୁକ୍ତ ପ୍ରୋତ୍ସାହନ ନ ମିଳିବାରୁ କାରିଗରମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ନୈରାଶ୍ୟଭାବ । ଏବେ ସମୟ ବଦଳିଛି । ପୁରୁଣା କାରିଗର ବର୍ତ୍ତମାନ ନାହାନ୍ତି ସତ, ହେଲେ ସେ ଦେଖିଥିବା ସୁନେଲି ସ୍ୱପ୍ନ ଏବେ ସାକାର ହୋଇଛି । ୨୦୨୧ ମସିହା ଜୁଲାଇ ୧ ତାରିଖରେ କଟକର ରୁପା ତାରକସିକୁ ଜିଆଇ ମାନ୍ୟତା ନିମନ୍ତେ ତତ୍କାଳୀନ ରାଜ୍ୟ ସରକାର ଉତ୍କଳିକା ମାଧ୍ୟମରେ ଚେନ୍ନାଇରେ ଥିବା ଭୌଗୋଳିକ ସୂଚକାଙ୍କ ପଞ୍ଜିକରଣ କାର୍ଯ୍ୟାଳୟରେ ଆବେଦନ କରିଥିଲେ । ଏହାକୁ ବିଚାରକୁ ନେଇ ୨୦୨୪ ମାର୍ଚ୍ଚ ୨ ତାରିଖରେ କଟକର ରୁପା ତାରକସିକୁ ମିଳିଥିଲା ଜିଆଇ ମାନ୍ୟତା ।


ରାଜ୍ୟର କଳା, ସଂସ୍କୃତି ଓ ଐତିହ୍ୟ ପରିଚୟରେ କଟକର ରୁପା ତାରକସି ଯଦିଓ ସର୍ବାଗ୍ରେ ରହିଥିଲା, ଜିଆଇ ଟ୍ୟାଗ୍ ମିଳି ନ ଥିବାରୁ ଏହି ପରିଚୟ ଅଧୁରା ରହିଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକର ଶିଳ୍ପୀମାନଙ୍କର ଭବିଷ୍ୟତ ଓ ସହରର କଳାକୁ ପ୍ରାଧାନ୍ୟ ଦେଇଥିଲେ । ବିଶ୍ୱ ଦରବାରରେ କିଭଳି କଟକର ତାରକସି ସ୍ୱତନ୍ତ୍ର ପରିଚୟ ଲାଭ କରିବ, ତାହାକୁ ଗୁରୁତ୍ୱ ଦେଇଥିଲେ । ରୁପା ତାରକସିକୁ ଜିଆଇ ଟ୍ୟାଗ୍ ମିଳିବା ପରେ କଟକବାସୀ ଆନନ୍ଦରେ ଆତ୍ମହରା ହୋଇପଡ଼ିଥିଲେ । ତତ୍କାଳୀନ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା ।





## ତାରକସି ମାର୍କେଟ୍

ତାରକସି କାରିଗରଙ୍କ ନିମନ୍ତେ କଟକ ସହରରେ ସ୍ୱତନ୍ତ୍ର ତାରକସି ମାର୍କେଟ କରିବାକୁ ରାଜ୍ୟ ସରକାରଙ୍କ ଯୋଜନା ରହିଛି । ପୂର୍ବରୁ ଖପୁରିଆ ଶିଳ୍ପାଞ୍ଚଳ ଭିତରେ 'କଳିଙ୍ଗ ଫିଲିଗ୍ରୀ' ନାମରେ ଏକ ସଂସ୍ଥା ରହିଥିଲା । ଏହାକୁ ଆହୁରି ବ୍ୟାପକ କରାଯିବା ନିମନ୍ତେ ସରକାରୀ ସ୍ତରରେ ପ୍ରସ୍ତୁତି ଚାଲିଛି । ଏହାକୁ ତାରକସି ହବ୍‌ରେ ପରିଣତ କରାଯିବ ବୋଲି ସୂଚନା ମିଳିଛି । ବିଶ୍ୱ ମାନଚିତ୍ରରେ ଉତ୍କୃଷ୍ଟ ତାରକସି କାର୍ଯ୍ୟ ପାଇଁ ଏହି ମାଟିର ସ୍ୱତନ୍ତ୍ର ପରିଚୟ ରହିଛି । ସମ୍ପ୍ରତି ଅଳଙ୍କାର ବଜାରରେ ପାଖାପାଖି ୨୦୦ କାରିଗର ଏବେ ରୁପା ତାରକସି କାରୁକାର୍ଯ୍ୟ କରୁଛନ୍ତି । ଜିଆଇ ଟ୍ୟାଗ୍ ପ୍ରଦାନ ପରେ ୨୦୦ ପରିବାରର ମୁହଁରେ ହସ ଫୁଟିଛି । ଏମାନଙ୍କ ଆର୍ଥିକ ପ୍ରଗତିରେ ଜିଆଇ ମାନ୍ୟତା ସହାୟକ ହେବ ।



ରାଜ୍ୟର ବୃହତ୍ତମ ଜିଲ୍ଲା ମୟୂରଭଞ୍ଜ ଆଦିବାସୀ ବହୁଳ ଜିଲ୍ଲା ଭାବେ ପରିଗଣିତ । ଭଞ୍ଜବଂଶ ରାଜତ୍ୱ ସମୟରେ ମହାରାଜାମାନେ ପ୍ରଜାଙ୍କୁ ଆତ୍ମନିର୍ଭରଶୀଳ କରିବା ଓ ରାଜ୍ୟ ଆତ୍ମନିର୍ଭରଶୀଳ ହେବା ପାଇଁ ହସ୍ତକଳା ଉପରେ ଗୁରୁତ୍ୱ ଦେଇଥିଲେ । କେଶନାର କଳା ମୁଗୁନି ପଥର ଖୋଦେଇ ଶିଳ୍ପ, କୁଳିଅଣା, କୁସୁମୀ, ଗୋପବନ୍ଧୁନଗର ବ୍ଲକ୍‌ର ଡୋକ୍ରା ଶିଳ୍ପ ଓ ସବାଇ ଘାସରୁ ପ୍ରସ୍ତୁତ ଘରକରଣା ତଥା ସୌଖୀନ ସାମଗ୍ରୀ ଦେଶ ବିଦେଶରେ ଆଜି ସମସ୍ତଙ୍କ ମନ ଜିଣୁଛି । ତେବେ ସରକାରୀ ସ୍ତରରେ ବ୍ୟାପକ ଯୋଜନା ହୋଇଥିଲେ ହେଁ ଏହି ହସ୍ତଶିଳ୍ପ ପାଇଁ ପର୍ଯ୍ୟାପ୍ତ ରହିଛି । ଜିଆଇ ଟ୍ୟାଗ ମାନ୍ୟତା ସହ ସ୍ୱତନ୍ତ୍ର ଅନୁଦାନ ସରକାର ଯୋଗାଇବା ପାଇଁ ସବୁ ମହଲରେ ଦାବି ହେଉଛି ।

# ମୟୂରଭଞ୍ଜର ମନୋରମ ହସ୍ତଶିଳ୍ପ



**ମନୋଜ ପଣ୍ଡା, ବାରିପଦା**

## ନିଆରା ଡୋକ୍ରା ଶିଳ୍ପ

ଡୋକ୍ରା ଶିଳ୍ପ ଭାରତର ବହୁ ପୁରାତନ ଓ ପ୍ରାଚୀନ ଶିଳ୍ପକଳା । ତେବେ ଡୋକ୍ରା ଶିଳ୍ପ ଓଡ଼ିଶାର ବହୁ ସ୍ଥାନରେ ଦେଖିବାକୁ ମିଳୁଥିଲାବେଳେ ମୟୂରଭଞ୍ଜ ଜିଲ୍ଲାର ଡୋକ୍ରା ଶିଳ୍ପ ସ୍ୱତନ୍ତ୍ର ଓ ଅନ୍ୟତମ । ମହେଞ୍ଜୋଦାର ସଭ୍ୟତା ସମୟରେ ଏହି କଳାର ବହୁଳ ବ୍ୟବହାର କରାଯାଉଥିବାର ପ୍ରମାଣ ଥିବାବେଳେ ପ୍ରାୟ ୪୦୦୦ ବର୍ଷ ପୂର୍ବରୁ ଏହି ଶିଳ୍ପକଳା ବ୍ୟବହାରର ପ୍ରମାଣ ରହିଛି । ଯାହାକି ପାରିବାରିକ ବଂଶାନୁକ୍ରମେ ଭାବେ ଏହି ଶିଳ୍ପକଳା ଚାଲି ଆସୁଛି । ପିତ୍ତଳକୁ ଧାତୁ ଭାବରେ ବ୍ୟବହାର କରି ସୁନ୍ଦର ସୁନ୍ଦର ମୂର୍ତ୍ତି ଓ ସୌଖୀନ ଘର ସଜାଇବା ଉପକରଣ ମାନ ତିଆରି କରାଯାଇଥାଏ । ଡୋକ୍ରା ଶିଳ୍ପର ପଦ୍ଧତି ବା ପ୍ରକ୍ରିୟା ବିଷୟରେ ରୋଚକ ତଥ୍ୟ ମଧ୍ୟ ରହିଛି ।



## ଲୋପ ପାଇବାକୁ ବସିଲାଣି କୌଳିକ ବୃତ୍ତି

ପ୍ରଥମେ ମାଟି ସଂଗ୍ରହ କରାଯାଇ ସେଥିରେ ବାଲି, ଅନ୍ୟ ସାମଗ୍ରୀ ସବୁ ମିଶାଯାଇ ଠିକ୍ ପାଗ ହେଲା ପରେ ହାତରେ ମୂର୍ତ୍ତି ବା ଅନ୍ୟ ଉପକରଣ ତିଆରି କରାଯାଇ ଶୁଖାଇ ଦିଆଯାଏ । ସେଗୁଡ଼ିକ ଶୁଖିଗଲା ପରେ ସ୍ୱତନ୍ତ୍ର ଭାବରେ ମହମ ଓ ଲାଖରୁ ତିଆରି କରାଯାଇଥିବା ସୂତାକୁ ମୂର୍ତ୍ତିରେ ଗୁଡ଼େଇ ଦେଇ ମୂର୍ତ୍ତିର ଡିଜାଇନ୍ ପ୍ରସ୍ତୁତ କରାଯାଏ । ଡିଜାଇନ୍ ସମ୍ପୂର୍ଣ୍ଣ ହେଲା ପରେ ମାଟିର ପ୍ରଲେପ ଦେଇ ପୁଣି ଖରାରେ ଶୁଖେଇ ଦିଆଯାଏ । ଶୁଖିଗଲା ପରେ ପିତ୍ତଳ ଧାତୁକୁ ଛୋଟ ଛୋଟ କରି ଚଙ୍ଗରେ ଦେଇ ପୁଣି ମାଟିର ପ୍ରଲେପ ଦିଆଯାଏ । ତା' ପରେ ମୂର୍ତ୍ତି ବା ଉପକରଣକୁ ଭାଟିରେ ରଖି ନିଆଁ ଦିଆଯାଏ । କିଛି ସମୟ ପରେ ପିତ୍ତଳ ତରଳି ଗଲା ପରେମୂର୍ତ୍ତିକୁବାହାରକୁଆଣି ଓଲଟାଇ ରଖାଯାଏ । ଫଳରେ ମହମ ସୂତାର ନକ୍ସା ଅନୁସାରେ ପିତ୍ତଳର ଛାଞ୍ଚ ତିଆରି ହେଇଯାଏ । ତା' ଉପରେ ଥିବା ମାଟିର ପ୍ରଲେପକୁ ଭାଙ୍ଗି ଦେଲା ପରେ ସୁନ୍ଦର ପିତ୍ତଳ ମୂର୍ତ୍ତି ବା ଉପକରଣଟିଏ ପ୍ରସ୍ତୁତ ହୋଇଥାଏ । ତାକୁ ପଲିସ୍ କରି ବିକ୍ରି କରାଯାଏ । ମୟୂରଭଞ୍ଜ ଜିଲ୍ଲାର କୁଳିଅଣା, କୁସୁମୀ, ଗୋପବନ୍ଧୁନଗର ଆଦି ବ୍ଲକ୍‌ରେ ପୁରୁଷାନୁକ୍ରମେ ଏହା ଚାଲି ଆସୁଥିବା ବେଳେ ବର୍ତ୍ତମାନ ଲୋପ ପାଇବାକୁ ବସିଛି ।



## ଅବହେଳିତ କାରିଗର

ଡୋକ୍ରା କାରିଗର ଏବେ ଅବହେଳିତ । କୌଣସି ପ୍ରକାର ସରକାରୀ ସହାୟତା ମିଳୁ ନ ଥିବାରୁ ତାଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି । ବହୁ ଦିନରୁ ସୋସାଇଟି ମାନ ଖୋଲା ଯାଇଥିଲେ ବି ପରିଚାଳନାଗତ ତ୍ରୁଟି ଯୋଗୁଁ ଏବେ ବନ୍ଦ ପଡିଛି । ଫଳରେ ବାଧ୍ୟ ହେଇ କାରିଗରମାନେ ତାଙ୍କର ମୂର୍ତ୍ତିକୁ ଖୋଲା ବଜାରରେ ବିକ୍ରି କରୁଥିବାରୁ ପରିଶ୍ରମର ଉଚିତ ମୂଲ୍ୟ ପାଉ ନ ଥିବାର ଅଭିଯୋଗ କରିଛନ୍ତି । ଫଳରେ ଏହି ଶିଳ୍ପ ଏବେ ଧୀରେ ଧୀରେ ବନ୍ଦ ହେବାକୁ ବସିଲାଣି । ଏହି ଶିଳ୍ପରୁ ଆୟ କମ ରହୁଥିବାରୁ ନୂତନ ପିଢ଼ି ଏହି ଶିଳ୍ପକୁ ଆପଣେଇବାକୁ କୁଣ୍ଠାବୋଧ କରୁଛନ୍ତି । ଆଉ ବାଧ୍ୟ ହୋଇ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ପଳାଉଛନ୍ତି ।



## ରାଜପରିବାରର ସହାୟତା

ଅନ୍ୟପକ୍ଷରେ ଏହି ଶିଳ୍ପକୁ ନୂତନ ଦିଗ ଦେଖାଇବା ପାଇଁ ହାତ ବଢ଼େଇଛନ୍ତି ମୟୂରଭଞ୍ଜ ରାଜପରିବାର । ମୟୂରଭଞ୍ଜ ମହାରାଜା, ମହାରାଣୀ ଏବଂ ରାଜଜେମାଙ୍କ ସହାୟତା କ୍ରମେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ମାଧ୍ୟମରେ ଏବେ ଡୋକ୍ରା ଶିଳ୍ପ ବିକ୍ରି କରାଯାଉଛି । ତେବେ ସରକାର ଏହି ଶିଳ୍ପକୁ ସରକାରୀ ପ୍ରୋତ୍ସାହନ ଦେଲେ ବିଲୁପ୍ତ ଶିଳ୍ପର ପୁନର୍ବାର ଚାହିଦା ବୃଦ୍ଧି ଘଟି ରୋଜଗାର ଦିଅନ୍ତା ।





## ସବାଇ ଘାସରୁ ରୋଜଗାର

ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ କାରୁକାର୍ଯ୍ୟ ହେଉଛି ସବାଇ ଶିଳ୍ପ । ଜିଲ୍ଲାର ଅଧିକାଂଶ ଆଦିବାସୀମାନଙ୍କ ରୋଜଗାରର ମାଧ୍ୟମ ସବାଇ ଘାସ ସାଜିଛି । ସବାଇ ଘାସରୁ ନାନାଦି ଘରକରଣା ସାମଗ୍ରୀ କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲାର ସବାଇକ୍ରାଫ୍ଟର ଚାହିଦା ଦେଶ ବିଦେଶରେ ଦିନକୁ ଦିନ ବୃଦ୍ଧି ପାଉଛି । ସେଥିପାଇଁ ଏହି ଆଦିବାସୀ ବହୁଳ ଜିଲ୍ଲାର ମହିଳାମାନେ ଅଧିକରୁ ଅଧିକ ସ୍ୱାବଲମ୍ବୀ ହେବାକୁ ଲାଗିଛନ୍ତି । ପ୍ରଶାସନ ମଧ୍ୟ ବଜାରର ଚାହିଦା ମୁତାବକ ନୂଆ ନୂଆ ସାମଗ୍ରୀ ପ୍ରସ୍ତୁତ ପାଇଁ ଉଦ୍ୟମ କରିଛି ।





## ହଜାରେରୁ ଅଧିକ ମହିଳାଙ୍କୁ ତାଲିମ



ପୂର୍ବରୁ ସବାଇ ଘାସରୁ କେବଳ ଦୌଡ଼ି ତିଆରି କରି ରୋଜଗାର କରୁଥିଲେ ଜିଲ୍ଲାବାସୀ । ଏବେ ସେହି ସବାଇ ଘାସରୁ ଅତ୍ୟାଧୁନିକ ସାମଗ୍ରୀ ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି ମହିଳା । ଏପରିକି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ମଧ୍ୟ ରୋଜଗାରକ୍ଷମ କରିବାକୁ ସକ୍ଷମ ହୋଇଛନ୍ତି । ଜିଲ୍ଲାର ୨୪ଟି ପ୍ରୋଡ୍ୟୁସର ଗ୍ରୁପ୍‌ର ୧୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ତାଲିମ ଦିଆଯାଉଛି । ନିଫ୍ଟର ଡିଜାଇନର୍‌ମାନେ ଶିଖାଉଛନ୍ତି ସବାଇ ଘାସରୁ ନୂଆ ଆକର୍ଷଣୀୟ ସାମଗ୍ରୀ । ସବାଇ ଘାସରୁ ୧୩୭ ପ୍ରକାରର ସାମଗ୍ରୀ ନିର୍ମାଣ କରିଥାନ୍ତି ଏହି ସବାଇ ଶିଳ୍ପୀମାନେ । ପ୍ରଶାସନ ପକ୍ଷରୁ ବାରିପଦା ଓ ଭୁବନେଶ୍ୱରର ମୟୂର ଶିଳ୍ପ ଆଉଟ୍‌ଲେଟ୍ ଓ ଦେଶର ବିଭିନ୍ନ ପ୍ରଦର୍ଶନୀ ଏବଂ ମେଳାକୁ ଯାଇ ନିଜ ସାମଗ୍ରୀ ବିକ୍ରି କରି ଲାଭବାନ ହେଉଥିଲେ ସବାଇ ଶିଳ୍ପୀ । ପ୍ରଶାସନର ଉଦ୍ୟମରେ ଏବେ ବିଦେଶରେ ମଧ୍ୟ ଚାହିଦା ମେଣ୍ଟାଇବାକୁ ସକ୍ଷମ ହେବେ ଏମାନେ । ଏକ୍ସପୋର୍ଟ ଲାଇସେନ୍ସ ମିଳିବା ପରେ ପ୍ରଥମ କରି ଫ୍ଲୋରିଡାକୁ ୨୨ ପ୍ରକାରର ସାମଗ୍ରୀ ପଠାଇଛି ଓରମାସ୍ । ଆଗକୁ ମଧ୍ୟ ୟୁଏସ୍, ୟୁକେ ଭଳି ବିକାଶିତ ଦେଶକୁ ସାମଗ୍ରୀ ପଠାଇବାର ଲକ୍ଷ୍ୟ ରଖାଯାଇଛି । ଅନ୍ୟପଟେ ଆମାଜନ ଓ ଫ୍ଲିପ୍‌କାର୍ଟ ଭଳି ଅନ୍‌ଲାଇନ୍ ମାର୍କେଟିଂ ସଂସ୍ଥାରେ ମଧ୍ୟ ସବାଇ କ୍ରାଫ୍ଟ ଉପଲବ୍ଧ କରାଯାଇଛି ପ୍ରଶାସନ । ବର୍ତ୍ତମାନ ସେମାନେ ଅତ୍ୟାଧୁନିକ ସାମଗ୍ରୀ ବିକ୍ରି କରି ମାସକୁ ୭ ହଜାରରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାରକ୍ଷମ ହୋଇ ପାରିଛନ୍ତି ବୋଲି ଓର୍‌ମାସ୍ ସିଇଓ ମନୀଷ ମହାନ୍ତି କହିଛନ୍ତି । ସବାଇ ଘାସରୁ ରାକ୍ଷୀ ପ୍ରସ୍ତୁତ କରି ରାଜ୍ୟର ୧୦ ଗୋଟି ଜିଲ୍ଲା ସମେତ ରାଜ୍ୟ ବାହାରେ ବିକ୍ରି କରି ଅଧିକ ଲାଭବାନ ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ଏଥିସହିତ ମହିଳାମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ସ୍ୱତନ୍ତ୍ର ସବାଇ ଘାସରୁ ରାକ୍ଷୀ ପ୍ରସ୍ତୁତ କରି ରାଷ୍ଟ୍ରପତି ଭବନକୁ ପଠାଇଥିଲେ । ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି, ହସ୍ତଶିଳ୍ପ ଓ ପର୍ଯ୍ୟଟନ ବେଶ ଆଦୃତ ଥିବା ବେଳେ ସବାଇ କାରୁକାର୍ଯ୍ୟ ଏହି ପ୍ରଶଂସାକୁ ଅଧିକ ବୃଦ୍ଧି କରିବାର ସମ୍ଭାବନା ରହିଛି । ଯାହା ଫଳରେ କଳା କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିଟି ଗାଁ ଆଗକୁ ସ୍ୱତନ୍ତ୍ର ପରିଚୟ ପାଇପାରିବ ।







## ଗୋଟିଏ ଛାତ ତଳେ ହସ୍ତଶିଳ୍ପ ସାମଗ୍ରୀ ଓ ବନଜାତ ଦ୍ରବ୍ୟ"

ଜିଲ୍ଲାର ହସ୍ତକଳା ଶିଳ୍ପର ବିକାଶ ଓ ଶିଳ୍ପୀମାନଙ୍କୁ ରୋଜଗାର ଦେବା ଉଦ୍ଦେଶ୍ୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି । ସେମାନଙ୍କ ଉତ୍ପାଦିତ ସାମଗ୍ରୀ ଦେଶବିଦେଶରେ ବିକ୍ରୟ ପାଇଁ ଓରମାସ୍ ସେତୁ ସାଜିଛି । ଖୁବ୍‌ଶୀଘ୍ର ବାରିପଦା ସହରରେ ଏକ ମଲ୍ ପ୍ରତିଷ୍ଠା ପାଇଁ ଆଇଟିଡିଏ ପକ୍ଷରୁ ଟେଣ୍ଡର ସରିଛି । ଜିଲ୍ଲାକୁ ଆସୁଥିବା ପର୍ଯ୍ୟଟକ ଗୋଟିଏ ଛାତ ତଳେ ସମସ୍ତ ହସ୍ତଶିଳ୍ପ ସାମଗ୍ରୀ ସହିତ ବନଜାତ ଦ୍ରବ୍ୟ କିଣିବା ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି ।

**ହେମକାନ୍ତ ସଏ**
ଜିଲ୍ଲାପାଳ, ମୟୂରଭଞ୍ଜ



## ମୁଗୁନି ପଥରର ନିଖୁଣ ମୂର୍ତ୍ତି

ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ରରେ ଶୁକ୍ଳି ବ୍ଲକ୍‌ର କେଶନା ଗ୍ରାମର ସ୍ୱତନ୍ତ୍ର ସ୍ଥାନ ରହିଛି । କେଶନା ଗ୍ରାମର ପଥର ଶିଳ୍ପୀ କଳା ମୁଗୁନି ପଥରରୁ ତିଆରି ବିଭିନ୍ନ ମୂର୍ତ୍ତି ଓ ସାମଗ୍ରୀ ବ୍ୟବସାୟ ଉପରେ ନିର୍ଭର କରି ପରିବାର ଚଳାଇଥାନ୍ତି । ପ୍ରାୟତଃ ୫ଶହରୁ ଊର୍ଦ୍ଧ୍ୱ ସୁଦକ୍ଷ କାରିଗର ଅଛନ୍ତି ଏହି ଗାଁରେ । ପଥର ଖୋଦେଇରେ ମଗ୍ନ ପୁରୁଷ ଶିଳ୍ପୀଙ୍କ ବ୍ୟତୀତ ମହିଳାମାନେ ବି କଳାକୃତି ନିର୍ମାଣରେ ବେଶ୍ ସିଦ୍ଧହସ୍ତ । କେଶନାର ପଥର ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ନିଖୁଣ ମୂର୍ତ୍ତି ସାରା ବିଶ୍ୱରେ ବିଖ୍ୟାତ । ଏକଦା ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଥିଲା ଖିଚିଂକୋଟା । ସେହି ସମୟରୁ ପଥର କାରିଗରଙ୍କର କାରୁକାର୍ଯ୍ୟ ଦେଖିବାକୁ ମିଳୁଥିଲା । ସେବେଠାରୁ ପୂର୍ବପୁରୁଷଙ୍କ ପଦାଙ୍କ ଅନୁସରଣ କରି ଏହି ଗାଁର ଲୋକମାନେ ପଥର କାରିଗରିକୁ ନିଜର ପେସା ଭାବରେ ଗ୍ରହଣ କରିଛନ୍ତି । ବର୍ତ୍ତମାନ ଆଦିପୁର, କୁମ୍ଭିର୍ଦା, ଶିଆଳିଗୋଠାଣୀ ଓ ନୂଆଗାଁ ପଥର ଖଣିରୁ ସଂଗ୍ରହ କରାଯାଉଥିବା କଞ୍ଚାମାଲ (ପଥର) ଶେଷ ହେବାକୁ ବସିଲାଣି । ଯାହାକି ଏହି କାରିଗରମାନଙ୍କ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ବଜାର ଅଭାବରୁ ଶାଗମାଛ ଦାମରେ ବିକ୍ରି ହେଉଥିବା ଶିଳାଶିଳ୍ପୀଙ୍କ କଳାକୃତିକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ହେଲେ ସରକାରଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ■





# ପରିଚୟ ଦେଇଛି କାଗଜ ଓ କାଠମୁଖା



ରଞ୍ଜିତ କେ.ଏନ୍. ସାମନ୍ତରାୟ, ଖୋର୍ଦ୍ଧା

ମୁଖା ତିଆରି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଖୋର୍ଦ୍ଧା ଜିଲ୍ଲା ବେଗୁନିଆଁ ବ୍ଲକ୍ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତର କରଡ଼ଗାଡ଼ିଆ ଗାଁ। ଏହି ଗାଁର ୭ଟି ପରିବାରର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୁଖା ପ୍ରସ୍ତୁତ କରୁଛନ୍ତି। ଏଠାକାର କାରିଗରମାନେ ଦେବଦେବୀ, ଘୋଡ଼ା, ହାତୀ, ହରିଣ, ସିଂହ, ସଖୀ କଣ୍ଢେଇ, ରାବଣମୁଖା ସମେତ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦୁର୍ଗା, ଗଣେଶ, କାଳୀ ପ୍ରଭୃତି ମୁଖା ପ୍ରସ୍ତୁତ କରିଥାନ୍ତି। ଏହି ମୁଖାଗୁଡ଼ିକର ସୌନ୍ଦର୍ଯ୍ୟକୁ ନିଜ ଆଖିରେ ନଦେଖିଲେ ବିଶ୍ୱାସ କରି ହୁଏ ନାହିଁ। ରାମଲୀଳା, କୃଷ୍ଣ ଲୀଳା, ବାହାଘର ରୋଶଣି, ଯାନିଯାତ୍ରା, ଘୋଡ଼ାନାଚ, ଦଣ୍ଡନାଚ ପ୍ରଭୃତି ସମୟରେ ମୁଖାର ଆଦର ରହିଛି।

## ମୁଖା ତିଆରି ପଦ୍ଧତି

ପ୍ରଥମେ ଗୋବରରୁ କଣ୍ଢେଇ ପ୍ରସ୍ତୁତ କରି ବିଭିନ୍ନ ଯାନିଯାତ୍ରାରେ ବିକ୍ରି କରୁଥିଲେ। କାଳକ୍ରମେ ଏହି କାରିଗରମାନେ କାଗଜ ଓ କାଠମୁଖା ସମେତ ପଥର ଓ ସିମେଣ୍ଟରେ ବିଭିନ୍ନ ଆକର୍ଷଣୀୟ ମୂର୍ତ୍ତିମାନ ନିର୍ମାଣ କରିବାରେ ସିଦ୍ଧହସ୍ତ। ଗାଁର ମଙ୍ଗଳା ମନ୍ଦିର ହେଉ କିମ୍ବା ବୃନ୍ଦାବତୀ ପିଣ୍ଡି ସବୁ କିଛି ଗଢ଼ା ଯାଇଛି ନିର୍ଦ୍ଦିଷ୍ଟ ଏକ ଶୈଳୀ ଓ ସ୍ୱତନ୍ତ୍ର ଚିତ୍ରକଳାରେ। ପରିବାରର ମହିଳାମାନେ ତେନ୍ତୁଳି ମଞ୍ଜି ଅଠା ଓ କାଗଜ ଛାଞ୍ଚରେ ମୁଖା ତିଆରି କରି ତାକୁ ବିଭିନ୍ନ ରଙ୍ଗ ଦେଇ ଆକର୍ଷଣୀୟ କରିଥାନ୍ତି। ପୁରୁଷମାନେ ପ୍ରଥମେ ପାଳଧୁଆ, ମହାନିମ୍ବ, ଶିମିଳି କାଠ ଯୋଗାଡ଼ କରି କରତ, ହାତୁଡ଼ି, ବଟାଳିରେ ବିଭିନ୍ନ ପ୍ରକାର ମୁଖା କରିବା ସହିତ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦୁର୍ଗା, ଗଣେଶ, କାଳୀ, ସରସ୍ୱତୀ, ମହାଲକ୍ଷ୍ମୀ, ମଙ୍ଗଳା, ବିଶ୍ୱକର୍ମା ପ୍ରଭୃତି ବହୁ ପ୍ରକାର ମୂର୍ତ୍ତି ତିଆରି କରିଥାନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପଟ୍ଟଚିତ୍ର ମଧ୍ୟ ତିଆରି କରୁଛନ୍ତି। ତେବେ ଗୋଟିଏ କାଠମୁଖା ପ୍ରସ୍ତୁତ କରିବାକୁ ଅତିକମ୍‌ରେ ୩/୪ଦିନ ସମୟ ଲାଗେ। ଗୋଟିଏ କାଗଜ ମୁଖାର ଦର ମାତ୍ର ଶହେ ଟଙ୍କାରୁ ୩ ଶହ ଟଙ୍କା ଦରରେ ବିକ୍ରି ହୋଇଥାଏ। ସେହିପରି କାଠମୁଖା ୫ଶହ ଟଙ୍କାରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ମାତ୍ର ଗୋଟିଏ ମୁଖାରେ କାଠ, କପଡ଼ା, ଖଡ଼ିଗୁଣ୍ଡ, କଇଁଥ ଅଠା ପ୍ରଭୃତି ବାବଦ ମୁଖା ଆକୃତି ଦେଖି ପ୍ରାୟ ଏକ ହଜାରଠାରୁ ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼ିଥାଏ ବୋଲି କାରିଗରମାନେ କହିଛନ୍ତି।



## ବାଣପୁରର ବେତ ସାମଗ୍ରୀ



ହସ୍ତତନ୍ତ କାରିଗରୀ କୌଶଳରେ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଅଞ୍ଚଳ ଅନ୍ୟତମ। ଏଠାରେ ବେତ କାରିଗରମାନେ ଯେଉଁ ଭଳି ବେତ ସାମଗ୍ରୀ ନିର୍ମାଣ କରୁଛନ୍ତି ତାହା ରାଜ୍ୟ, ଦେଶ ତଥା ବିଶ୍ୱରେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ୧୯୬୦ ମସିହାରୁ ବେତ ହସ୍ତତନ୍ତ ଶିଳ୍ପ ପ୍ରଗତି ପଥେ ଆଗେଇ ଚାଲିଥିଲା। ସ୍ଥାନୀୟ ବେତ ଅପେକ୍ଷା ଅଣ୍ଡାମାନ ବେତ ବହୁଦିନ ଧରି ନଷ୍ଟ ହେଉ ନଥିବା ଯୋଗୁଁ ଏହାର ଚାହିଦା ଅଧିକ ଥିଲା। ତେବେ ରାଜ୍ୟ ବାହାରୁ ବେତ ଆମଦାନୀ ହେଉଥିବାରୁ ଏହାର ଦର ଅଧିକ। ଏହି ବେତ ଦ୍ୱାରା ଘରସଜ୍ଜା ଉପକରଣ ଓ ବିଭିନ୍ନ ସାମଗ୍ରୀ ତିଆରି କରାଯାଇ ରାଜ୍ୟ ତଥା ରାଜ୍ୟ ବାହରକୁ ବିକ୍ରି ନିମନ୍ତେ ପଠାଯାଉଛି। ସ୍ଥାନୀୟ ଶ୍ରୀନିବାସପୁର, ଅଚ୍ୟୁତରାଜପୁର, ନରେନ୍ଦ୍ରପୁର, ମାଟିଆ ପୋଖରୀ, ସାନ ଶିରେଇପୁର, ବେତୁଲି, ଭେଟେଶ୍ୱର, ଗାଲୁଆ, ଭୀମପୁର, କୋଳଥଡିହ, ଦେଓଗାଁ, ଓଡ଼ଗାଁ ଆଦି ଗ୍ରାମମାନଙ୍କର କାରିଗରମାନେ ଏହି କାର୍ଯ୍ୟ କରି ରାଜ୍ୟ ତଥା ରାଜ୍ୟ ବାହାରେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି।

ଅଞ୍ଚଳରେ ବେତ ଅଭାବ ଯୋଗୁଁ କାରିଗରମାନେ ବାଉଁଶ ମିଶ୍ରିତ ଚେୟାର, ଫୁଲତୋଡ଼ା ଆଦି କାମ କରୁଥିଲେ। ଏକଦା ବାଣପୁର ଅଞ୍ଚଳର ନରେନ୍ଦ୍ରପୁର ବେତ କାମ ପାଇଁ ଗୌରବ ମଣ୍ଡିତ କରିଥିଲା। ସେତେବେଳେ ପୁରାତନ ବେତ ସ୍କୁଲ ଓ ସୋସାଇଟି ଗୃହ ନରେନ୍ଦ୍ରପୁରରେ ଖୋଲା ଯାଇଥିଲା। ଏହା ନରେନ୍ଦ୍ରପୁର ସରକାରୀ ହସ୍ତଶିଳ୍ପ ଶିକ୍ଷା ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ ଥିଲା। ଏବେ ଏହି ଅନୁଷ୍ଠାନ ଉପରେ ଗଛଲତା ଉଠି ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ତେବେ ବେତ କାମ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପ୍ରୋତ୍ସାହନର ଅଭାବ ଯୋଗୁଁ ପ୍ରଚୁର ପରିମାଣର କଞ୍ଚାମାଲ ମିଳୁ ନାହିଁ। ତେଣୁ କାରିଗରମାନେ ଆସାମ ବେତ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି। ସେହିପରି କଲିକତାରୁ ଉଚ୍ଚଦରରେ ବେତ କିଣୁଥିବା ଜଣାପଡ଼ିଛି। ଏହି ଅଞ୍ଚଳରେ ବେତ କଞ୍ଚାମାଲର ଅଭାବ ଯୋଗୁଁ ଏହି ଶିଳ୍ପ ଦିନକୁ ଦିନ ରୁଗ୍‌ଣ ପାଲଟି ଯାଉଛି। ସେପଟେ କାରିଗର ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଏହି ହସ୍ତଶିଳ୍ପକୁ ବଞ୍ଚାଇ ରଖିବା ଓ ଏହାର ପୁନରୁଦ୍ଧାର ପାଇଁ ସରକାରୀସ୍ତରରେ ପଦକ୍ଷେପ ନିଆଯିବା ଆବଶ୍ୟକ। ଫଳରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବେତ କାରୁକାର୍ଯ୍ୟର ପ୍ରଚାର ପ୍ରସାର ହୋଇପାରିବ।





## ରଥଯାତ୍ରାରେ ଝଲସେ ଗୁରୁଜଙ୍ଗର ସୋଲଫୁଲ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାକୁ ନେଇ ସ୍ୱତନ୍ତ୍ର ପ୍ରଥା ଓ ପରମ୍ପରା ରହିଛି। ବିଶ୍ୱାସ ରହିଛି ଘୋଷଯାତ୍ରାରେ ଭକ୍ତଙ୍କ ଗହଣକୁ କୋଳାହଳ କରି ଆସୁଥିବା ବେଳେ ଶ୍ରୀଜଗନ୍ନାଥ ହେଉଛନ୍ତି ସମନ୍ୱୟର ଦେବତା। ତାଙ୍କ ନିକଟରେ ଜାତି, ଧର୍ମ ଛୁଆଁଅଛୁଆଁ ଭେଦଭାବ ନଥାଏ। ଭକତ ଭାବରେ ବନ୍ଧା ସେ ଭାବ ବିନୋଦିଆ। ତେଣୁ ଆଜକୁ ୨୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୁରୁଜଙ୍ଗ ଗ୍ରାମ ଭୋଇ ସାହିର ରାଜ କିଶୋର ନାୟକଙ୍କ ପରିବାର ମହାପ୍ରଭୁଙ୍କ ରଥରେ ସୋଲଫୁଲ ସଜାଇବାର ସୁଯୋଗ ପାଇଛନ୍ତି। କଦମ୍ବଫୁଲ ସେବତୀ ଓ ଅନ୍ୟ ରଙ୍ଗବେରଙ୍ଗର ସୋଲଫୁଲ ପ୍ରସ୍ତୁତ କରି ଶ୍ରୀକ୍ଷେତ୍ରର ନନ୍ଦିଘୋଷ, ତାଳଧ୍ୱଜ, ଦେବଦଳନ ରଥ ପାଇଁ ଯୋଗାଇ ଆସୁଛନ୍ତି ତାଙ୍କ ପରିବାର। ନେତ୍ର ଉତ୍ସବରେ ସୋଲଫୁଲ ତିନି ରଥରେ ସଜାଇ ଦିଅନ୍ତି। ୨୦୦୪ ମସିହାଠାରୁ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଏନେଇ ଅନୁମତି ପ୍ରଦାନ କରିଛନ୍ତି। ବିଭିନ୍ନ ରଙ୍ଗର ସୂତା, ଜମ୍ଭୁରା, ଚୁମୁକି, ବାଉଁଶକଣୀ, ପରିଜିନିଷ ଲଗାଇ କରାଯାଉଛି ଫୁଲ। ସେହିପରି ତାଙ୍କ ହାତତିଆରି ଫୁଲ ଓ ଟାହିଆ ଖୋର୍ଦ୍ଧା ସମେତ ଅନ୍ୟ ଜିଲ୍ଲାର ବିଭିନ୍ନ ରଥଯାତ୍ରାରେ ଲାଗିଥାଏ। ■



ଗ୍ରାମାଞ୍ଚଳରେ ତିଆରି କୁଟୀର ଶିଳ୍ପ ହିଁ ସମୃଦ୍ଧ ଗଞ୍ଜାମର ଅଂଶବିଶେଷ। ସାମ୍ପ୍ରତିକ ସ୍ଥିତିରେ କିଛି ହସ୍ତଶିଳ୍ପ ରହିଥିଲେ ଆଉ କିଛି ଜନମାନସର ସ୍ମୃତି ହୋଇଗଲାଣି। ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠାର ପିତ୍ତଳ ମାଛ ଅନ୍ୟତମ। ଦୀର୍ଘ ତିନିଶହ ବର୍ଷ ଧରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱ ପ୍ରସିଦ୍ଧ ପିତ୍ତଳ ମାଛ। ସଧାରଣ ଜନତାଙ୍କ ବାସଭବନଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟର ବୈଠକ ଗୃହର ଶୋଭାକୁ ଦ୍ୱିଗୁଣିତ କରୁଛି।

# ବିଶ୍ୱ ପ୍ରସିଦ୍ଧ ବେଲଗୁଣ୍ଠାର ପିତ୍ତଳ ମାଛ



**କ୍ଷୀରସିନ୍ଧୁ ମହାନ୍ତି**, ବ୍ରହ୍ମପୁର

## ଆକର୍ଷିତ କରୁଛି ପିତ୍ତଳ ମାଛ

ବେଲଗୁଣ୍ଠାର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ପିତ୍ତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇ ସାରା ବିଶ୍ୱବାସୀଙ୍କୁ ଚକିତ କରିଛି। ରାଜନେତା, ଉଚ୍ଚପଦସ୍ଥ ଅଫିସରଙ୍କ ସମେତ ବିଦେଶୀ ଅତିଥିଙ୍କୁ ବିଭିନ୍ନ ସଭାରେ ପିତ୍ତଳ ମାଛଟିଏ ଉପହାର ଦେଲେ ଖୁସିରେ ଗଦ୍ ଗଦ୍ ହୋଇ ପଡ଼ନ୍ତି। ଏଠାରେ ପ୍ରସ୍ତୁତ ପିତ୍ତଳ ମାଛ ଉପହାର ଦେବା ପାଇଁ ସମଗ୍ର ଓଡ଼ିଶାରେ ଏହାର ବେଶ୍ ଚାହିଦା ରହିଛି। ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପିତ୍ତଳ ମାଛର ଚାହିଦା ଖୁବ୍ ବେଶୀ। ଗୋଟିଏ ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗିଥାଏ। ଏଥିରେ ପ୍ରାୟ ୮୦୦ରୁ ଅଧିକ ଟଙ୍କାର କଞ୍ଚାମାଲ ଖର୍ଚ୍ଚ ହୋଇଥାଏ। ତେବେ ସେହି ମାଛଟି ମାତ୍ର ୧୦୦୦ ଟଙ୍କାରେ ବିକ୍ରି ହୋଇଥାଏ। ଜଣେ ଶିଳ୍ପୀ ଦୁଇ ଦିନରେ ମାତ୍ର ତିନିଶହ ଟଙ୍କା ରୋଜଗାର କରିଥାଏ। ତେଣୁ ଅଳ୍ପ ରୋଜଗାରରେ ଶିଳ୍ପୀମାନଙ୍କ ପାଇଁ ପରିବାର ପ୍ରତିପୋଷଣ ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି। ତେଣୁ ଯୁବକମାନେ ଏହି ହସ୍ତଶିଳ୍ପରୁ ମୁହଁ ଫେରାଇ ନେଉଛନ୍ତି। ବର୍ତ୍ତମାନ ବେଲଗୁଣ୍ଠାରେ ପ୍ରକାଶ ମହାରଣା ଏବଂ ପ୍ରଦୀପ ମହାରଣା ପିତ୍ତଳ ମାଛ ତିଆରି କରୁଛନ୍ତି। ତେବେ ତାଙ୍କ ଉତ୍ତରପିଢି ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ଯୁବ କାରିଗରଙ୍କୁ ଆବଶ୍ୟକ ତାଲିମ ପ୍ରଦାନ, ଉପଯୁକ୍ତ ପାରିଶ୍ରମିକ, ବିନା ଜିଏସ୍‌ଟିରେ ଋଣ, ଷ୍ଟାଇପେଣ୍ଡ ବୃଦ୍ଧି, କର୍ମଶାଳାର ଆୟୋଜନ ଏବଂ କାରିଗର ଭତ୍ତା ପ୍ରଦାନର ଆବଶ୍ୟକ ରହିଛି ବୋଲି ଶିଳ୍ପୀମାନେ କୁହନ୍ତି।

## ଉପଯୁକ୍ତ ତାଲିମର ଆବଶ୍ୟକତା

୧୮୭୩ ମସିହାରେ ପିତ୍ତଳ ମାଛ ତିଆରି ଆରମ୍ଭ ହୋଇଥିବା କୁହାଯାଏ। ଯାହା ତତ୍କାଳୀନ ଭଞ୍ଜବଂଶୀୟ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ବିମୁଗ୍ଧ କରିଥିଲା। ଏହି ଶିଳ୍ପ ନାନା ବାଧାବିଘ୍ନ ଦେଇ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା। ପ୍ରକାଶ ମହାରଣା ୧୯୯୦ ମସିହାରେ 'ମାଷ୍ଟର କ୍ରାଫ୍ଟସ୍ ମ୍ୟାନ୍' ରୂପେ ନିଯୁକ୍ତି ହେବାପରେ ୧୯୯୨-୯୩ ମସିହାରେ କିଛି ପିଲାଙ୍କୁ ତାଲିମ ପ୍ରଦାନ କରିଥିଲେ। ପୁଣି ଏହାର ତିନି ବର୍ଷ ପରେ ୧୯୯୫-୯୬ ମସିହାରେ ଏବଂ ଏହାର ନଅ ବର୍ଷ ବ୍ୟବଧାନରେ ୨୦୦୪-୦୫ ମସିହାରେ କିଛି ପିଲାଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହାର ଦୀର୍ଘ ପନ୍ଦର ବର୍ଷ ପରେ ୨୦୧୯-୨୦ ମସିହାରେ ଧରାକୋଟ୍ ବ୍ଲକ୍ ଜଗମୋହନ ଗ୍ରାମରେ ଏବଂ ୨୦୨୧-୨୨ ମସିହାରେ ବେଲଗୁଣ୍ଠା ଏନ୍.ଏ.ସି. ରଙ୍ଗଣୀପାଟଣା ଗ୍ରାମର ୧୫ ଜଣ ପିଲାଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧିକ ସମୟ ବ୍ୟବଧାନରେ ଅତି କମ୍ ପିଲାଙ୍କୁ ତାଲିମ୍ ପ୍ରଦାନ କରାଯାଉଥିବାରୁ ପିତ୍ତଳ ମାଛ ପାଇଁ ଆବଶ୍ୟକ କାରିଗର ସୃଷ୍ଟି ହୋଇପାରୁନଥିଲେ। ସେହିପରି ଏହି ଶିଳ୍ପ ପାଇଁ ଆବଶ୍ୟକ କର୍ମଶାଳା ବେଲଗୁଣ୍ଠାରେ ନଥିବାରୁ ତାଲିମପ୍ରାପ୍ତ କାରିଗରମାନେ ଅନ୍ୟତ୍ର ଚାଲିଯାଉଥିବା ଦେଖିବାକୁ ମିଳିଛି। ଉପଯୁକ୍ତ ପାରିଶ୍ରମିକ ଏବଂ ସରକାରୀ ପ୍ରୋତ୍ସାହନ ଅଭାବରୁ ବେଲଗୁଣ୍ଠା ପିତ୍ତଳ ମାଛ କାରିଗରଙ୍କ ଅବସ୍ଥା ଦୟନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ।

## ଗଞ୍ଜାମର ଗୌରବ ପଶୁମୁଖା

ଗଞ୍ଜାମ ଜିଲ୍ଲାର ଅନେକ ଗରିମାମୟ ଇତିହାସ ରହିଛି। ଏଠାକାର ଲୋକକଳା ଓ ଲୋକନୃତ୍ୟ ଯେତିକି ସମୃଦ୍ଧ, ବିଭିନ୍ନ ଗ୍ରାମ ଏବଂ ଶିଳ୍ପୀ ମଧ୍ୟ ସେତିକି ପ୍ରତିଷ୍ଠିତ। ଜିଲ୍ଲାର ହସ୍ତଶିଳ୍ପ ତନ୍ମଧ୍ୟରୁ ପଶୁମୁଖା ଅନ୍ୟତମ। ପଶୁମୁଖା ନୃତ୍ୟ ପ୍ରତି ସମସ୍ତଙ୍କର ବେଶ୍ ଆଦର ରହିଛି। ପଶୁମୁଖା ନୃତ୍ୟ ପରିବେଷଣ ଓ ପ୍ରସ୍ତୁତି କ୍ଷେତ୍ରରେ ଭଞ୍ଜନଗର ବ୍ଲକ୍ ବଡ଼କୋଦଣ୍ଡା ଗ୍ରାମ ପ୍ରସିଦ୍ଧ। ପୂର୍ବରୁ ଗ୍ରାମର ବହୁ ପରିବାର ପଶୁମୁଖା ତିଆରି କରୁଥିଲେ। ବର୍ତ୍ତମାନ ହାତଗଣତି କିଛି ପରିବାର ହିଁ ପଶୁମୁଖା ପ୍ରସ୍ତୁତ କରୁଛନ୍ତି। ଗ୍ରାମରେ କଳାକାରମାନେ ମଧ୍ୟ ଅଛନ୍ତି। ପଶୁମୁଖା ନୃତ୍ୟ ପରିବେଷଣ ପାଇଁ ଜିଲ୍ଲା, ରାଜ୍ୟ ଓ ଦେଶ ବାହାରକୁ ମଧ୍ୟ ଯାଇଥାନ୍ତି।



## ପଶୁମୁଖା ତିଆରି ପଦ୍ଧତି

ବଡ଼କୋଦଣ୍ଡା ଗ୍ରାମର ତ୍ରିନାଥ ବେହେରାଙ୍କ କହିବା ଅନୁସାରେ ବଡ଼କଦଣ୍ଡା ଗ୍ରାମ ପଶୁମୁଖା ତିଆରି ଓ ନୃତ୍ୟ ପରିବେଷଣରେ ସର୍ବାଗ୍ରେ ପରିଚିତ। ବାଉଁଶ ବେତରେ ମାଟି ପ୍ରଲେପ ସମେତ ଜିଗ୍‌ଜାଗ୍ କପଡ଼ା ଆଦି ନାନାଦି ଜିନିଷ ଓ ରଙ୍ଗ ବ୍ୟବହାର କରି ଏଠାରେ ପଶୁମୁଖା ପ୍ରସ୍ତୁତ ହୁଏ। ଘୋଡ଼ା, ବାଘ, ନବପଞ୍ଜୁରି, ହାତୀ, ରାଜା, ରାଣୀ, ମୟୂର, ବୃଷଭ, ସିଂହ, ହରିଣ ଆଦି ମୁଖା ପ୍ରସ୍ତୁତ ହୋଇଥାଏ। ସେହିଭଳି ଡେରାବିଶ ପଶୁ କଣ୍ଢେଇ ସମେତ ସୂତା କଣ୍ଢେଇ, ଚଇତି ଘୋଡ଼ା ଆଦି ପ୍ରସ୍ତୁତିରେ ସିଦ୍ଧହସ୍ତ ଏଠାକାର ଶିଳ୍ପୀ। ବାଉଁଶ ବେଶରେ ପିଞ୍ଜରା କରି ତା'ଉପରେ କପଡ଼ାରେ ଆବରଣ କରାଯାଏ। ଏହା ଭିତରୁ ପ୍ରବେଶ କରି କଳାକାରମାନେ ନୃତ୍ୟ ପରିବେଷଣ କରିଥାନ୍ତି।




## ପ୍ରାଚୀନ ହସ୍ତଶିଳ୍ପ ପଶୁମୁଖା

କେଉଁ ଅନାଦି କାଳରୁ ଗଞ୍ଜାମର ପଶୁମୁଖା ଶିଳ୍ପ ରହିଛି। ବଡ଼କଦଣ୍ଡା ଗ୍ରାମର ମନ୍ଦିରରେ ପଶୁମୁଖା ଶୋଭାପାଉଛି। କାର୍ତ୍ତିକ ପୂର୍ଣ୍ଣିମାରେ ଶୋଭଯାତ୍ରା ମାଧ୍ୟମରେ ପ୍ରଦର୍ଶନ କରାଯାଉଛି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ପଶୁମୁଖା ଦେଖି ଖୁସି ବ୍ୟକ୍ତ କରୁଛନ୍ତି। ତେବେ ଗୋଟିଏ ପଶୁମୁଖା ତିଆରି କରିବାକୁ ପାଖାପାଖି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ମଧ୍ୟ ଖର୍ଚ୍ଚ ହେଉଛି। ଆଉ ୧୫ରୁ ୨୦ ଦିନ ସମୟ ବି ଲାଗୁଛି। ଆଗରୁ ଗଞ୍ଜାମର ବିଭିନ୍ନ ଗ୍ରାମରେ ପଶୁମୁଖା ପ୍ରସ୍ତୁତି ହେଉଥିଲା। କାଳକ୍ରମେ ଏହା ଲୋପ ପାଇ ଆସୁଛି। କାଁ ଭାଁ କିଛି ଗ୍ରାମର ଶିଳ୍ପୀ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ସାମ୍ପ୍ରତି ଯୁବପିଢ଼ି ଏଥିପ୍ରତି ଅନାଗ୍ରହ ପ୍ରକାଶ କରିଛନ୍ତି। ରାଜ୍ୟ ଓ ଦେଶର ବହୁ ବଡ଼ ବଡ଼ ମଞ୍ଚରେ ପଶୁମୁଖା ନୃତ୍ୟ ବି ପରିବେଷିତ ହୋଇଛି। ଖାଲି ଏତିକି ନୁହେଁ, ଗଞ୍ଜାମ ଜିଲ୍ଲାର ଯାନି ଯାତରାରେ ପ୍ରଥମେ ପଶୁମୁଖା ନୃତ୍ୟକୁ ପ୍ରଥମେ ଖୋଜା ପଡ଼େ।

ସାମ୍ପ୍ରତିକ ସ୍ଥିତିରେ ପଶୁମୁଖା ଶିଳ୍ପ ମଧ୍ୟ ବହୁ ଦୁର୍ଦ୍ଦିନ ଦେଇ ଗତି କରୁଛି। ଆଶା ଅନୁଯାୟୀ ସରକାରୀ ପ୍ରୋତ୍ସାହନ ମିଳୁନି। ଫଳରେ ଶିଳ୍ପୀ ଓ କଳାକାର ଏଥିରୁ ମୁହଁ ଫେରାଉଛନ୍ତି। ଏହି କୁଟୀର ଶିଳ୍ପର ବିକାଶ କରାଯାଇ ନୂତନ କାରିଗର ସୃଷ୍ଟି କ୍ଷେତ୍ରରେ ସରକାର ପ୍ରୋତ୍ସାହନ ଦେବାର ଆବଶ୍ୟକା ରହିଛି। ■







# ଶିଙ୍ଗ ଶିଳ୍ପର ସଂପଦ

ରଶ୍ମିରଞ୍ଜନ ମିଶ୍ର, ଗଜପତି ■ ନରସିଂହ ପ୍ରସାଦ ପଟ୍ଟନାୟକ, ଗୋଷାଣି

ଓଡ଼ିଶାର ବିଭିନ୍ନ ପାରମ୍ପରିକ ହସ୍ତଶିଳ୍ପ ମଧ୍ୟରେ ପାରଳାଖେମୁଣ୍ଡିର ଶିଙ୍ଗ କାମ ଅନ୍ୟତମ । ଶିଙ୍ଗ ହସ୍ତଶିଳ୍ପ ପାଇଁ ରାଜ୍ୟରେ ପାରଳାଖେମୁଣ୍ଡିର ସ୍ଥାନ ସ୍ୱତନ୍ତ୍ର । ଏଠାରେ ଶିଙ୍ଗରୁ ତିଆରି କଳାକୃତିର ବେଶ୍ ଚାହିଦା ରହିଛି । ତେବେ ବର୍ତ୍ତମାନ କଞ୍ଚାମାଲର ଅଭାବ ସମସ୍ୟା ସୃଷ୍ଟି କରୁଛି । ନାନା ଅଭାବ ଅସୁବିଧା ସତ୍ତ୍ୱେ କେତେକ କାରିଗର ଏହି ପ୍ରାଚୀନ ହସ୍ତଶିଳ୍ପକୁ ବଞ୍ଚାଇ ରଖିଛନ୍ତି ।

## ଶିଙ୍ଗ ଶିଳ୍ପର ଆରମ୍ଭ

ବ୍ରିଟିଶ୍ ସରକାର ବିଭିନ୍ନ ଜିନିଷ ଉତ୍ପାଦନ ପାଇଁ ଦକ୍ଷିଣ ଭାରତରେ କାରଖାନାଗୁଡ଼ିକ ପ୍ରତିଷ୍ଠା କରିଥିଲେ । ସେଥିରେ କୁଟୀର ଉଦ୍ୟୋଗକୁ ଉତ୍ସାହିତ କରୁଥିଲେ । ତେବେ ସେମାନେ କେବେହେଲେ ପଶୁ ଶିଙ୍ଗ କିଣିବା ପାଇଁ ଧ୍ୟାନ ଦେଇନଥିଲେ । ଯାହାକି ପାରଳାଖେମୁଣ୍ଡିର ପାହାଡ଼ିଆ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ମିଳୁଥିଲା । ମଇଁଷିର ଶିଙ୍ଗ, ବଣୁଆ ମଇଁଷି, ଗାଈ, ବଳଦ ଶିଙ୍ଗ ଅବ୍ୟବହୃତ ହୋଇ ବାହାରେ ପଡ଼ି ରହୁଥିଲା । ଏହା ଦେଖି ସେତେବେଳେ ମାନ୍ଦ୍ରାଜ ଇଂରେଜ ସରକାର ଶିଙ୍ଗଭିତ୍ତିକ କୁଟୀର ଶିଳ୍ପ ପାଇଁ ଉଦ୍ୟମ କଲେ । ମଇଁଷିର ସ୍ୱାଭାବିକ ମୃତ୍ୟୁ ହେଉ ବା କୌଣସି କାରଣବଶତଃ ମୃତ୍ୟୁ ଘଟୁଥିଲା । ସେହି ମଇଁଷିର ଶିଙ୍ଗଗୁଡ଼ିକ ପ୍ରାୟତଃ ଅବ୍ୟବହୃତ ହୋଇ ପଡ଼ି ରହୁଥିଲା । ଆଦିବାସୀ ସମ୍ପ୍ରଦାୟର ଲୋକେ ଶିଙ୍ଗକୁ ଖଣ୍ଡା, ଛୁରି ଓ ଖୋଳ ଆଦି କେତେକ ସାମଗ୍ରୀ ପ୍ରସ୍ତୁତ କରୁଥିଲେ । ତେଣୁ ଶିଙ୍ଗ କାଟିବା ଜ୍ଞାନକୌଶଳ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଜଣାଥିଲା ।

୧୯୧୩ ମସିହାରେ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ତାଙ୍କ ରାଜତ୍ୱ ସମୟରେ କଳା, ହସ୍ତଶିଳ୍ପ, ଶିକ୍ଷା ଏବଂ କୃଷିର ବିକାଶ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ । ସେତେବେଳେ ସେ ଏକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲେ । ଏଠାରେ କାରିଗରମାନଙ୍କୁ ଉଭୟ କାଠ ଶିଳ୍ପ ଏବଂ ଶିଙ୍ଗ ଶିଳ୍ପରେ ତାଲିମ ଦିଆଯାଉଥିଲା । ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ଉତ୍ସାହିତ ହୋଇ ତାଙ୍କ ପୃଷ୍ଠପୋଷକତାରେ ଶିଙ୍ଗ ଶିଳ୍ପ କାରଖାନା ପ୍ରତିଷ୍ଠା କରାଯାଇଥିବା ଜଣାଯାଏ । ନୂତନ ଭାବରେ ପ୍ରତିଷ୍ଠିତ ଶିଙ୍ଗ ଶିଳ୍ପ ଉଦ୍ୟୋଗରେ ଅବସ୍ଥାପିତ ଚିତ୍ରକାରମାନେ ବିଭିନ୍ନ ପଶୁ, ପକ୍ଷୀ ତିଆରି କରିବା ସହ ବିବାହ ମହୋତ୍ସବ, କଳାତ୍ମକ ଡିଜାଇନ, ପାନିଆ ଇତ୍ୟାଦି ପ୍ରସ୍ତୁତ କରୁଥିଲେ । ସମୟର ଗତି ସହିତ ଶିଙ୍ଗ ଶିଳ୍ପ ତା'ର କାରିଗରି ଜ୍ଞାନକୁ ଆହୁରି ଉନ୍ନତ କରିଥିଲା । ଯାହା ଫଳରେ ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା ଯୋଗୁଁ ଲୋକମାନଙ୍କର ପସନ୍ଦ ହୋଇଥିଲା । ଏହି ଉଦ୍ୟୋଗ ଦ୍ୱାରା ସମସ୍ତ ଦ୍ରବ୍ୟର ବିକ୍ରି ଭଲ ଭାବରେ ଚାଲିଲା ।



## ଶିଙ୍ଗ ତିଆରି କଳାକୃତି

ପ୍ରଥମେ ସଂଗୃହୀତ କଞ୍ଚା ଶିଙ୍ଗଗୁଡ଼ିକ ଗୁଣାତ୍ମକ ଦୃଷ୍ଟିରୁ ପୃଥକ୍ କରାଯାଏ । ତା' ପରେ ଏହାକୁ ଥଣ୍ଡା ପାଣିରେ କିଛି ଘଣ୍ଟା ପାଇଁ ଭିଜାଇ ଦିଆଯାଏ । ଯାହା ଦ୍ୱାରା ଶିଙ୍ଗ କାର୍ଯ୍ୟ କରିବା ସହଜ ହୁଏ । ଶିଙ୍ଗର ଆକୃତି ଏବଂ ଆକାରକୁ ନେଇ କାରିଗର ପ୍ରଥମେ ଫର୍ମ ଏବଂ ଶିଙ୍ଗରୁ ପ୍ରାପ୍ତ ଉତ୍ପାଦ ବିଷୟରେ ଧାରଣା ନିଏ । ଏହାପରେ ବିଭିନ୍ନ ହାତ ଉପକରଣ ଧାରୁଆ ଅସ୍ତ୍ର ସଦୃଶ ସାମଗ୍ରୀ ମାଧ୍ୟମରେ ଏବଂ ଅଗ୍ନି ସାହାଯ୍ୟରେ ଏହାକୁ ଇଚ୍ଛିତ ଆକୃତି ଦିଆଯାଇ ପାଲିସ୍ କରାଯାଇଥାଏ । ଶିଙ୍ଗରେ ପାନିଆଠାରୁ ଆରମ୍ଭ କରି ଗଛରେ ବସିବା ଚଢ଼େଇ, ବଗ, ଠାକୁର, ନାଉରିଆ ଡଙ୍ଗା ବାହିବା ଦୃଶ୍ୟ, ଚିଙ୍ଗୁଡ଼ି ଆଦି ଆକର୍ଷଣୀୟ କଳାକୃତିରେ ଶିଙ୍ଗ କାରିଗରମାନେ ତିଆରି କରିଥାନ୍ତି । ଶିଙ୍ଗ କାମ ସହିତ ଏହି କାରିଗରଙ୍କ କଳାକୃତି ପାଇଁ ପାରଳା ସହର ପ୍ରସିଦ୍ଧି ଲାଭ କରିଛି । ନବ ଉତ୍କଳର ମୁଖ୍ୟ କର୍ଣ୍ଣଧାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରୋତ୍ସାହନ ଏହି କାରିଗରଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଏହି କାରିଗରମାନଙ୍କୁ କୃଷ୍ଣଚନ୍ଦ୍ର ଗଜପତି ଉତ୍ସାହିତ କରିବା ପାଇଁ ସମସ୍ତ ଆନୁଷଙ୍ଗିକ ସୁବିଧା ସହ କଞ୍ଚାମାଲ ଯୋଗାଇ ଦେଉଥିଲେ । ସେଥିପାଇଁ ପ୍ରାୟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି ପାରଳାଖେମୁଣ୍ଡିରେ ଶିଙ୍ଗ ଜିନିଷ ସବୁ ପ୍ରସ୍ତୁତ ହୋଇପାରୁଛି ।

## ସଂକଟରେ ଶିଙ୍ଗ ଶିଳ୍ପ

ଶିଙ୍ଗ କାମର ଚାହିଦାକୁ ଦେଖି ଏକ ସମବାୟ ସଂସ୍ଥା ଗଢ଼ା ଯାଇଥିଲା । ୧୯୪୮ ମସିହାରୁ ଏହି ସଂସ୍ଥା ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିଭାଗର ଅଧୀନରେ ପଞ୍ଜୀକୃତ ହୋଇ କାର୍ଯ୍ୟ କରୁଛି । ତେବେ ବର୍ତ୍ତମାନ ଶିଙ୍ଗ ତଥା କଞ୍ଚାମାଲ ନମିଳିବା ସହିତ ହସ୍ତଶିଳ୍ପ ବିଭାଗର ବେପରୁଆ ମନୋଭାବ ଯୋଗୁଁ ଏହି ଶିଳ୍ପ ବିଲୁପ୍ତ ହେବାକୁ ବସିଛି । 'ବିଶ୍ୱକର୍ମା ଶିଙ୍ଗ ସମବାୟ ସଂସ୍ଥା'ରେ ୫୦ କାରିଗର କାମ କରୁଥିଲେ । ହେଲେ ଏବେ ମାତ୍ର ୫ରୁ ୬ ଜଣ କାରିଗର କାମ କରୁଛନ୍ତି । ଏହି ଶିଙ୍ଗ କାରିଗରଙ୍କ ପାଇଁ ଅବିଭକ୍ତ ଗଞ୍ଜାମ ଜିଲ୍ଲା ତଥା ବର୍ତ୍ତମାନର ଗଜପତି ଜିଲ୍ଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା । ସମବାୟ ସଂସ୍ଥାର କାରିଗରଙ୍କ ବ୍ୟତୀତ ଅନେକେ ଏହି ଶିଳ୍ପକୁ ବୃତ୍ତି କରି ପରିବାର ପୋଷଣ କରୁଥିଲେ । ବର୍ତ୍ତମାନ ସହରରେ ହାତଗଣତି କାରିଗର ରହିଛନ୍ତି । ବହୁ କାରିଗର ପେଟପାଟଣା ଲାଗି ଏହି ବ୍ୟବସାୟକୁ ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି । ସହରର ରାଜଦାଣ୍ଡ ସାହିରେ ଥିବା କେତେକ ଶିଙ୍ଗ କାରିଗର ଏହି ବେଉସାରୁ ମୁହଁ ଫେରାଇ ନେଇଛନ୍ତି । ସେହିପରି ସମବାୟ ସଂସ୍ଥାରେ କାମ କରୁଥିବା ଅଧିକାଂଶ କାରିଗର ଗରିବ ତଥା ଅବହେଳିତ ଅବସ୍ଥାରେ କାଳାତିପାତ କରୁଛନ୍ତି । ସରକାରଙ୍କ ହସ୍ତଶିଳ୍ପ ଅଧୀନରେ ଥିଲେ ମଧ୍ୟ ଏମାନଙ୍କୁ ପଞ୍ଜୀକୃତ କରାଯାଇ ନାହିଁ । ଜିଲ୍ଲା ଶିଳ୍ପ ବିଭାଗ ତରଫରୁ କୌଣସି ପ୍ରୋତ୍ସାହନ ଦେଉନଥିବାର ମଧ୍ୟ ଜଣାପଡ଼ିଛି । ଅନ୍ୟପକ୍ଷରେ କଞ୍ଚାମାଲ ପାଇଁ ଆନ୍ଧ୍ର ପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି । ସେଠାରେ କଞ୍ଚାମାଲ ତଥା ଶିଙ୍ଗଗୁଡ଼ିକ ଦାମ ଅହେତୁକ ଦରବୃଦ୍ଧି ହୋଇଥିବାରୁ ତାହାକୁ କ୍ରୟ କରି ସାମଗ୍ରୀ ବନାଇବା କଷ୍ଟକର ହୋଇପଡୁଛି । ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ ଏହି ଶିଳ୍ପକୁ ଗୁରୁତ୍ୱ ଦେଇ ପାରଳା ମାଟିକୁ ବିଶ୍ୱ ଦରରବାରରେ ସ୍ୱତନ୍ତ୍ର ସୃଷ୍ଟି କରିପାରିଥିଲେ । କିନ୍ତୁ ସରକାରଙ୍କ ପ୍ରୋତ୍ସାହନ ଅବାବରୁ ଏହି କାରୁକାର୍ଯ୍ୟ ଲୋପ ପାଇବାକୁ ବସିଛି । ■





# ବଢୁଛି କାଇଁଚ ସାମଗ୍ରୀର ଆଦର

ଦେବଦତ୍ତ ଦାଶ, କେନ୍ଦ୍ରାପଡ଼ା

କାଇଁଚ ଶିଳ୍ପ ପାଇଁ କେନ୍ଦ୍ରାପଡ଼ାର ସ୍ୱତନ୍ତ୍ର ପରିଚୟ ରହିଛି। ଦିନକୁ ଦିନ ଗୋଲଡେନ୍ ଗ୍ରାସ୍ ବା କାଇଁଚରେ ତିଆରି ଜିନିଷର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ହାତରେ ବୁଣା ଚାଲିଛି ବିଭିନ୍ନ କିସମର କାଇଁଚ ତିଆରି ରଙ୍ଗ ବେରଙ୍ଗର ମନମୁଗ୍ଧକର ସାମଗ୍ରୀ । ଏଥିପାଇଁ ଏକତ୍ର ହୋଇଛନ୍ତି ଦେଢ଼ ଶହରୁ ଊର୍ଦ୍ଧ୍ୱ ଯୁବତୀ ଏବଂ ମହିଳା । ଏପରିକି ରାକ୍ଷୀ, ଗଣେଶଙ୍କ ପ୍ରତିମୂର୍ତ୍ତି ମଧ୍ୟ ତିଆରି କରୁଛନ୍ତି । ସେହିପରି ଟେବୁଲ ଲ୍ୟାମ୍ପ୍, ହ୍ୟାଣ୍ଡ ବ୍ୟାଗ୍, କାଇଁଚ ଚଟ୍, ପେନ୍ ଷ୍ଟାଣ୍ଡ, ଟୋପି, କ୍ୟାରି ବ୍ୟାଗ୍ ଇତ୍ୟାଦି ଭଳିକି ଭଳି ଜିନିଷ ତିଆରି କରୁଛନ୍ତି । ଯାନ୍ତ୍ରିକ ସହାୟତା ବିନା ଏମାନେ ହାତରେ ତିଆରି କରୁଛନ୍ତି ଏହି ସବୁ ଜିନିଷ । ଆଉ ଦୁଇ ପଇସା ମଧ୍ୟ ରୋଜଗାର କରି ପାରୁଛନ୍ତି ।





## ମନଲୋଭା କାଇଁଚ ଜିନିଷ

ଆଷାଢ଼ ଆଉ ଶ୍ରାବଣ ମାସରେ ବିଲବାଡ଼ି ହିଡ଼ ଆଉ ବାଡ଼ରେ ବୁଲିବୁଲି କେନ୍ଦ୍ରାପଡ଼ା ଜିଲ୍ଲାର ଶହଶହ ମହିଳା କାଇଁଚ ସଂଗ୍ରହ କରନ୍ତି । ସେହିପରି ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର ଆଦି ଅଞ୍ଚଳରୁ ମଧ୍ୟ କାଇଁଚ କିଣି ଥାନ୍ତି । ବେଣା ଗଛରେ ବର୍ଷାଦିନେ ଯେଉଁ ଫୁଲଫୁଟେ ସେହି ଫୁଲର ନାଡ଼କୁ କାଇଁଚ କୁହାଯାଏ । କେନ୍ଦ୍ରାପଡ଼ା ଜିଲ୍ଲାର ବାରୋ, କୋରୋ, ଜଜାଙ୍ଗ ଆଦି ଆଖପାଖ ଗାଁର ମହିଳାମାନେ କାଦୁଅ ପାଣି ସାପ ବେଙ୍ଗଙ୍କୁ ଖାତିର ନକରି କାଇଁଚ ସଂଗ୍ରହ କରିଥାନ୍ତି । ପରେ ତାହାକୁ ଶୁଖାଇ ଘରେ ସାଇତି ରଖିଥାନ୍ତି । କାଇଁଚ ଶୁଖି ଯିବାପରେ ଏହାର ରଙ୍ଗ ସୁନା ପରି ହଳଦିଆ ହୋଇଯାଏ । ତେଣୁ ଏହାକୁ 'ଗୋଲ୍‌ଡେନ୍ ଗ୍ରାସ୍' ବୋଲି ମଧ୍ୟ କୁହାଯାଏ । ବର୍ତ୍ତମାନ କ୍ୟାରି ବ୍ୟାଗ୍, ଟିଫିନ୍ ବକ୍ସ ଇତ୍ୟାଦି ସୁନ୍ଦର ଆକୃତିର କାଇଁଚ ସାମଗ୍ରୀ ତିଆରି କରୁଛି ବଳଦେବଜୀଉ ପ୍ରଡକ୍ସନ ଗ୍ରୁପ୍। ଏହି ଉତ୍ପାଦ ଗୋଷ୍ଠୀର ସଭାପତି ଥିବା ସମ୍ପଦ ପରିଡ଼ାଙ୍କ ଦୀର୍ଘଦିନର ପରିଶ୍ରମ ଏବେ ଉତ୍ପାଦ ଗୋଷ୍ଠୀର ମହିଳାଙ୍କ ସଂଖ୍ୟାକୁ ବହୁଗୁଣିତ କରିଛି । ପ୍ରତ୍ୟେକ ମହିଳା ନିଜ ନିଜର ଘରକାମ ଶେଷ କରି ଦିନକୁ ୪-୫ ଘଣ୍ଟା ପରିଶ୍ରମ କରି ଭଲ ଦି ପଇସା ରୋଜଗାର କରୁଛନ୍ତି । କାଇଁଚ ଶିଳ୍ପ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ମହିଳାଙ୍କୁ ଓରମାସ୍, ନାବାର୍ଡ, ଜିଲ୍ଲା ଶିଳ୍ପ ବିଭାଗ ତାଲିମ ଦେଇ ଏବେ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଇଛି ।

## ଅନ୍‌ଲାଇନ୍‌ରେ ବିକ୍ରି ପାଇଁ ଉଦ୍ୟମ

ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲ୍ଲାର ବାରୋ ଅଞ୍ଚଳରେ ଜିଲ୍ଲା ଶିଳ୍ପ ବିଭାଗ ପକ୍ଷରୁ କାଇଁଚ ଶିଳ୍ପକୁ କୁଟୀର ଶିଳ୍ପର ମାନ୍ୟତା ମିଳିଛି । ପୂର୍ବରୁ ଏହି କାଇଁଚ କାରିଗରମାନଙ୍କ ହାତତିଆରି ଜିନିଷ ପଡ଼ି ଖତ ଖାଉଥିଲା । କାରଣ ଏମାନଙ୍କ ଜିନିଷର ଉପଯୁକ୍ତ ବଜାର ମୂଲ୍ୟ ଓ ଚାହିଦାକୁ କେହି ବୁଝିନଥିଲେ । ୨୦୧୯ ମସିହାରେ 'ଫାବ୍ ଇଣ୍ଡିଆ' ନାମକ ଏକ ସଂସ୍ଥାକୁ ଏହି କାଇଁଚ ଶିଳ୍ପ ସହିତ ଯୋଡ଼ିବାକୁ ବ୍ୟବସ୍ଥା କରିଥିଲେ ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା । 'ଫାବ୍ ଇଣ୍ଡିଆ' ଏକ ଅନ୍‌ଲାଇନ୍ ସପିଂ କମ୍ପାନୀ । ୨୦୧୯ ଅଗଷ୍ଟ ୨୧ ତାରିଖରେ ଏହି କମ୍ପାନୀ କାଇଁଚ କାରିଗରଙ୍କ ନିକଟରେ ପହଞ୍ଚି ଜିନିଷଗୁଡ଼ିକ ଦେଖି ଅନ୍‌ଲାଇନ୍‌ରେ ବିକ୍ରୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ଫଳରେ କାରିଗରମାନଙ୍କ ମନରେ ଆଶା ସଞ୍ଚାର ହୋଇଥିଲା । ସେପଟେ 'ସଂକଳ୍ପ' ପ୍ରକଳ୍ପରେ ମହିଳାମାନଙ୍କୁ ବେସିକ୍, ଇଣ୍ଟର୍ ମିଡିଏଟ୍ ଓ ଆଡ୍‌ଭାନ୍ସ ସ୍କିଲିଂ ପାଇଁ ତାଲିମ ପ୍ରଦାନ କରାଯାଉଛି । ସମ୍ବଲପୁର ଆଇଆଇଏମ୍, ଏନ୍‌ଆଇଏଫ୍‌ଟି, ହ୍ୟାଣ୍ଡଲୁମ୍ ଓ ହ୍ୟାଣ୍ଡିକ୍ରାଫ୍ଟ ବିଭାଗ ସହ ଚୁକ୍ତି କରାଯାଇଛି । ସେପଟେ କାଇଞ୍ଚ ଶିଳ୍ପକୁ ଜିଆଇ ଟ୍ୟାଗ୍ ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି । ■



# କଣ୍ଟିଲୋ କଂସା ହସ୍ତଶିଳ୍ପ

ଦିନ ଥିଲା ଘରେ ଘରେ ପିତ୍ତଳ ହାଣ୍ଡିରେ ରୋଷେଇ ହେଉଥିଲା । ବିତ୍ତଶାଳୀ ପରିବାର ପ୍ରତ୍ୟେକଙ୍କୁ ପିତ୍ତଳ ଥାଳି, ଗିନ, ତାଟିଆରେ ଖାଦ୍ୟ ପରଷା ଯାଉଥିଲା । ଯୁଗ ପରିବର୍ତ୍ତନ ଘଟିବା ସହ ପିତ୍ତଳ ସାମଗ୍ରୀରେ ଖାଦ୍ୟ ଖାଇବାର ସଉକ ମଧ୍ୟ କମିଛି । ତଥାପି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋର କାରିଗରମାନେ କଂସାବାସନ ଓ ପିତ୍ତଳର ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ତିଆରି କରି ଆଜି ବି ପାରମ୍ପରିକ ହସ୍ତଶିଳ୍ପକୁ ବଞ୍ଚି ରଖିଛନ୍ତି ।

ଅନୀଲ କୁମାର ପଣ୍ଡା, ନୟାଗଡ଼





## ଚିତ୍ତାକର୍ଷକ ପିତ୍ତଳ ମୂର୍ତ୍ତି

କଣ୍ଟିଲୋ କଂସାବାସନ ରାଜ୍ୟ ତଥା ଦେଶରେ ସୁପ୍ରସିଦ୍ଧି ଲାଭ କରିଛି । ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ବସବାସ କରୁଥିବା ଅଧିକାଂଶ କୁଶଳୀ କଂସା ପିତ୍ତଳ କାରିଗର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । କେବଳ କଂସା ବାସନ ନୁହେଁ, ଏଠାରେ ପିତ୍ତଳର ବିଭିନ୍ନ ଦେବଦେବୀଙ୍କ ଆକର୍ଷଣୀୟ ମୂର୍ତ୍ତି ମଧ୍ୟ ତିଆରି କରାଯାଉଛି । ଦିନଥିଲା କଣ୍ଟିଲୋ ପାଟଣାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଶାଳ ଚାଲୁଥିବା ବେଳେ ବର୍ତ୍ତମାନ ଉଭୟ ଗ୍ରାମରେ ମାତ୍ର ୨୦ ରୁ ୨୫ଟି ଶାଳ ଚାଲୁଛି । ବଜାରର ଚାହିଦା ଅନୁଯାୟୀ କାରିଗରମାନେ ଏଠାରେ ବିଭିନ୍ନ ପ୍ରକାର କଂସାବାସନ, ବିଭିନ୍ନ ପ୍ରକାର ପିତ୍ତଳ ମୂର୍ତ୍ତି ତିଆରି କରୁଛନ୍ତି । ସେଥିମଧ୍ୟରୁ ବେଲପୁରୀ, ଡେକୁମା, କୁଣ୍ଡି, ବୈଠି, ତାସ୍କୋ, ଭଟିମୁଣ୍ଡା, କଣ୍ଟିଲୋ, ପଣ୍ଟିମା, ଦକ୍ଷିଣୀଗରା, ବାଲକାଟି ତିଆରି ସାମଗ୍ରୀର ବେଶ୍ ଚାହିଦା ରହିଥିବା କାରିଗରମାନେ କହିଛନ୍ତି । ତେବେ ବର୍ତ୍ତମାନ କଞ୍ଚାମାଲର ଅଭାବ ଏକ ପ୍ରମୁଖ ସମସ୍ୟା ହୋଇଛି । ପ୍ରତିକୂଳ ପରିସ୍ଥିତିରେ ହସ୍ତଶିଳ୍ପ ଗତି କରୁଥିବା ବେଳେ ଆଜି ମଧ୍ୟ ହାତ ତିଆରି ମଜଭୁତ ସାମଗ୍ରୀ ଚାହିଦା କିଛି ମାତ୍ରାରେ ରହିଛି । ବିଭିନ୍ନ ଯାନିଯାତ୍ରା ମେଳା ମହୋତ୍ସବରେ କଂସାବାସନ ସାମଗ୍ରୀକୁ କିଛି ଲୋକ ବେଶ୍ ଆଗ୍ରହର ସହ ନେଇଥାନ୍ତି । ଏହି ପାରମ୍ପରିକ ହସ୍ତଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି । ନଚେତ୍ ବହୁ ପରିବାର ଜୀବିକା ହରାଇବା ସହ ପାରମ୍ପରିକ ହସ୍ତଶିଳ୍ପ ଲୋପ ପାଇଯିବ । ■





## ରୋଜଗାର ଦେଉଛି ବାଉଁଶ କଳା



ବାଉଁଶ ହସ୍ତକଳା ବହୁ ପ୍ରାଚୀନ। ବାଉଁଶରୁ ବିଭିନ୍ନ ପ୍ରକାରର ବସ୍ତୁ ତିଆରି କରି ଅନେକ ପରିବାର ରୋଜଗାରକ୍ଷମ ହୋଇପାରିଛନ୍ତି। ବର୍ତ୍ତମାନ ବାଉଁଶରେ ତିଆରି ଜିନିଷଗୁଡ଼ିକର ଚାହିଦା ଅଧିକ ରହିଛି। ତେବେ ପୂର୍ବଭଳି ପର୍ଯ୍ୟାପ୍ତ ବାଉଁଶ ଉପଲବ୍ଧ ହେଉ ନଥିବାରୁ ଅଧିକ ଦାମ ଦେଇ କାରିଗରମାନେ କିଣିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାର ସମସ୍ତ ବ୍ଲକ୍ ସମେତ ଦୁଇଟି ପୌରାଞ୍ଚଳ ଓ ଗୋଟିଏ ଏନ୍‌ଏସିରେ ବାଉଁଶ ହସ୍ତକଳାକୁ ଅନେକ ପରିବାର ନେଇ ଗୁଜୁରାଣ ମେଣ୍ଟାଉଛନ୍ତି। ବାଉଁଶରୁ କୁଲା, ଝୁଡ଼ି, ଚାଙ୍ଗୁଡ଼ି, ବିଞ୍ଚଣା, ଡୁଙ୍ଗା, ଟୋକ୍ରି ଆଦି ସାମଗ୍ରୀ ପ୍ରସ୍ତୁତି କରି ବିକ୍ରି କରିଥାନ୍ତି। ବାଉଁଶରେ ତିଆରି ସାମଗ୍ରୀଗୁଡ଼ିକ ଜିଲ୍ଲାରେ ବିଭିନ୍ନ ହାଟ ଓ ବଜାରରେ ବିକ୍ରି କରିଥାନ୍ତି। ସେହିପରି ବଜାରରେ ଅନେକ ବାଉଁଶ ହସ୍ତକଳାର ଘରସଜ୍ଜା ସାମଗ୍ରୀ, ଦୈନନ୍ଦିନ ଉପକରଣ, ବାଉଁଶର ଛୋଟ ବେଞ୍ଚ, ଟେବୁଲ୍, ଚେୟାର, ଖେଳନା, ଜୁଏଲାରୀ ବକ୍ସ ଓ ଅନ୍ୟାନ୍ୟ ଅଳଙ୍କାର ଉପଲବ୍ଧ ହେଉଛି। ରାୟଗଡ଼ା ସଦର ବ୍ଲକ୍ ବଡ଼ ଚାନ୍ଦିଲି ଗ୍ରାମରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ବାଉଁଶରୁ ସୁନ୍ଦର ସୁନ୍ଦର ରାକ୍ଷୀ, ଆକର୍ଷଣୀୟ ଅଳଙ୍କାର ତିଆରି କରୁଛନ୍ତି। ଆଉ ତାହାକୁ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

# ରାୟଗଡ଼ାର ବାଉଁଶ ହସ୍ତଶିଳ୍ପ ଓ ତୁମ୍ବା କ୍ରାଫ୍ଟ

ଶିବ ନାରାୟଣ ଗଉଡ଼, ରାୟଗଡ଼ା

**ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାରେ ବାଉଁଶ ହସ୍ତକଳାକୁ ନେଇ ଅନେକ ପରିବାର ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ସେହିପରି ଶୁଖିଲା ଲାଉରୁ ସୁନ୍ଦର ସୁନ୍ଦର ଘରସଜ୍ଜା ଉପକରଣ ପ୍ରସ୍ତୁତ କରାଯାଉଛି।**





## ତୁମ୍ବା ହସ୍ତକଳା

ରାୟଗଡ଼ା ଜିଲ୍ଲାରେ ଲାଉକୁ ତୁମ୍ବାକୁ ହସ୍ତକଳା ପରିଣତ କରାଯାଉଛି। ଲାଉ ତୁମ୍ବାରେ ନିର୍ମିତ କଳାକୃତିର ବେଶ୍ ଚାହିଦା ରହିଛି। ଏହାକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବିକ୍ରି କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି ରାୟଗଡ଼ାର ହସ୍ତଶିଳ୍ପୀ କାରିଗର ହିମାଂଶୁ ଶେଖର ପାଣ୍ଡିଆ। ଏହି ନୂତନ ହସ୍ତଶିଳ୍ପ ଦେଶ ବିଦେଶରେ ଏକ ସୃଜନ ହସ୍ତକଳା ହିସାବରେ ସମସ୍ତଙ୍କର ପ୍ରିୟ ହୋଇପାରିଛି। ତୁମ୍ବା ହସ୍ତକଳା କାରିଗରମାନେ ଶୁଖିଲା ଲାଉକୁ ବ୍ୟବହାର କରିଥାନ୍ତି। ଲାଉଟି ଯଦି ଗଛରେ ପାକଳ ହୋଇ ସଂପୂର୍ଣ୍ଣ ଭାବରେ ଶୁଖିଯାଏ, ତେବେ ତାହାର ଉପର ଆବରଣଟି ଶକ୍ତ ହୋଇଯାଏ। ଏହି ଶକ୍ତ ଆବରଣର ଶୁଖିଲା ଲାଉକୁ ଆଦିବାସୀମାନେ ତୁମ୍ବା ବୋଲି କହିଥାନ୍ତି। ଏହି ତୁମ୍ବା ବିଭିନ୍ନ ଆକୃତିର ମିଳିଥାଏ। ଏହି ତୁମ୍ବା ଲାଉ ପାଣି ପବନରେ ସହଜରେ ନଷ୍ଟ ହୁଏ ନାହିଁ କି କୀଟପତଙ୍ଗ ଦ୍ୱାରା ମଧ୍ୟ ନଷ୍ଟ ହୋଇ ନ ଥାଏ। ପୁରାତନ କାଳରୁ ଜନଜାତି ଲୋକମାନେ ତୁମ୍ବାକୁ ପାତ୍ର, ବାଦ୍ୟଯନ୍ତ୍ର, ଔଷଧ ସହ ବିଭିନ୍ନ ପାରମ୍ପରିକ ପର୍ବପର୍ବାଣିରେ ବ୍ୟବହାର କରି ଆସୁଛନ୍ତି। ରାୟଗଡ଼ା ବାସିନ୍ଦା ହିମାଂଶୁ ଶେଖର ପାଣ୍ଡିଆ ଆଦିବାସୀଙ୍କ ଲାଉ ତୁମ୍ବା ପ୍ରତି ଆକର୍ଷିତ ହୋଇଥିଲେ। ରାତିଦିନ ଏହାର ଉନ୍ନତି କାର୍ଯ୍ୟରେ ଲାଗି ଯାଇଥିଲେ। ଆଦିବାସୀ ଶବ୍ଦ 'ତୁମ୍ବା' ନାମକୁ ନେଇ 'ତୁମ୍ବା କ୍ରାଫ୍ଟ' ନାମରେ ପରିଚୟ ଦେବା ଆରମ୍ଭ କରିଥିଲେ। ବର୍ତ୍ତମାନ ଓଡ଼ିଶା ସରକାର ଏହି ତୁମ୍ବା କ୍ରାଫ୍ଟର ଉନ୍ନତମାନର କଳାକୃତିକୁ ମାନ୍ୟତା ପ୍ରଦାନ କରିଛନ୍ତି। ତାଙ୍କ ପ୍ରେରଣାରେ ରାୟଗଡ଼ାରେ 'ତୁମ୍ବା କ୍ରାଫ୍ଟ' ନାମରେ ଏକ ଉତ୍ପାଦନ ୟୁନିଟ୍ ପରିଚାଳିତ ହେଉଛି। ଏଥିରେ ସେ ଅନେକ ଆକର୍ଷଣୀୟ ତୁମ୍ବା ହସ୍ତକଳା ଯେପରି ଘର ସାଜସଜ୍ଜା ଉପକରଣ, ପୋଟେରୀ ଆଇଟମ, ଫୁଲଦାନି, କାନ୍ଥ ଟଙ୍ଗା ଉପକରଣ, ଲ୍ୟାମ୍ପ୍ ସେଟ, ଖେଳଣା, ଜୁଏଲାରୀ ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଏହି ହସ୍ତକଳା ଦ୍ୱାରା ପ୍ରାୟ ୨ ହଜାର ଆଦିବାସୀ ପରିବାର ରୋଜଗାରକ୍ଷମ ହୋଇପାରିଛନ୍ତି। ■





# କାଠ କଳା ପାଇଁ ପ୍ରସିଦ୍ଧ ଖଇରପଦର

ସ୍ୱାଧୀନ ପାତ୍ର, କଳାହାଣ୍ଡି

**କାଠ କଳା ପାଇଁ ପ୍ରସିଦ୍ଧ କଳାହାଣ୍ଡି ଜିଲ୍ଲାର ଖଇରପଦର ଗାଁ। ବିଗତ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗାଁର ଅନେକ କାଠ କାରିଗର ଏହି କଳାକୁ ଆଦରି ନେଇଛନ୍ତି। କାରିଗରଙ୍କ ନିହାଣ ମୁନରେ କାଠ କଳାତ୍ମକ ରୂପ ପାଇଁ ଜୀବନ୍ତ ହୋଇଉଠେ। କାଠ ନିର୍ମିତ ହାତୀ ହେଉ କି ଗଣେଶ ଅବା ରଥ ଅବା ବିଭିନ୍ନ ପଶୁ ପକ୍ଷୀ- ସବୁ କିଛି କାଠ କାରିଗରଙ୍କ ହାତର ସ୍ପର୍ଶରେ ଆକର୍ଷଣୀୟ ହୋଇଉଠେ।**

## କାଠର ନିର୍ମିତ ସୁନ୍ଦର କଳାକୃତି

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଖଇରପଦର ଗ୍ରାମରେ ବସବାସ କରନ୍ତି ୩ ଶହରୁ ଅଧିକ କାଠ କାରିଗର। ନିର୍ଜୀବ କାଠଗଣ୍ଡି ଦେହରେ ବିଭିନ୍ନ ଆକୃତି ଦେଇ କଳାର ଚାତୁରୀରେ ସଞ୍ଜୀବନୀର ମନ୍ତ୍ରରେ ମନ୍ତ୍ରିତ କରି ଶିଳ୍ପୀମନେ ଗଢ଼ନ୍ତି ଅନେକ ଆକର୍ଷଣୀୟ କଳାକୃତି। ୮୦ ଦଶକରେ କାରିଗରମାନେ ଗାଁ ଗାଁ ବୁଲି କାଠର ହରିଣ ମୁଣ୍ଡ, ପାନିଆ, ଗଣେଶ, ହାତୀ ଭଳି ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିଲେ। ଧୀରେ ଧୀରେ କାଠ କଳାର ଚାହିଦା ବଢ଼ିବାରେ ଲାଗିଲା। କାରିଗରଙ୍କ ପାଇଁ ପେସା ଓ ନିଶା ପାଲଟିଗଲା ଏହି କୌଳିକ ବୃତ୍ତି। ଖଇରପଦର ଶିଳ୍ପୀମାନେ କାଠର ହାତୀ, ଗଣେଶ, ରାଧା କୃଷ୍ଣ, ବଳଦ ଗାଡ଼ି, ହରିଣ ସମେତ ବିଭିନ୍ନ ପ୍ରକାରର ଘରସଜ୍ଜା ସାମଗ୍ରୀ ତିଆରି କରିଥାନ୍ତି। ବର୍ତ୍ତମାନ କଞ୍ଚାମାଲ ଅଭାବରୁ ଲୋକଙ୍କ ଚାହିଦା ମୁତାବକ ଜିନିଷ ଯୋଗାଇବା ସେତେଟା ସମ୍ଭବପର ହୋଇ ପାରୁନଥିବା ପ୍ରକାଶ କରନ୍ତି କାରିଗର। ପୂର୍ବରୁ କାଠ ନିର୍ମିତ କଳାକୃତିଗୁଡ଼ିକ କେବଳ ଜିଲ୍ଲା ମଧ୍ୟରେ ବିକ୍ରି ହେଉଥିଲା। ଏବେ ପର୍ଯ୍ୟାୟ କ୍ରମେ ତାହା ରାଜ୍ୟ ଓ ରାଜ୍ୟ ବାହାରକୁ ବିକ୍ରି ପାଇଁ ଯାଉଛି। ଏପରିକି ଆମେରିକା, ଫ୍ରାନ୍ସ ଭଳି ବିଦେଶକୁ ମଧ୍ୟ ପଠାଯାଉଛି। ସେହିପରି କାଠ କଳାକୃତିକୁ ରାଜ୍ୟରେ ଉତ୍କଳିକା ଭୁବନେଶ୍ୱର, ଏକାମ୍ର ହାଟ ଭୁବନେଶ୍ୱର, ବନାନୀ ଡାଇରେକ୍ଟର ଅଫ୍ ହାଣ୍ଡିକ୍ରାଫ୍ଟ ଭାରତ ସରକାରଙ୍କ ସମେତ ଦିଲ୍ଲୀ, ମୁମ୍ବାଇ, ପୁନେ, ଚେନ୍ନାଇ, କୋଲକାତା, ଛତିଶଗଡ଼ର ରାୟପୁର ଓ ଦେଶ ବାହାରକୁ ମଧ୍ୟ ପଠାଯାଉଛି। ଅନେକ କାଠ କାରିଗର ବିଭିନ୍ନ ସ୍ଥାନରେ ସମ୍ମାନିତ ହୋଇଛନ୍ତି।





## କାଠ କାରିଗରଙ୍କୁ ତାଲିମ

ହସ୍ତଶିଳ୍ପର ବିକାଶ ଓ କାଠ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ତିନି ଶହରୁ ଊର୍ଦ୍ଧ୍ୱ ବେକାର ଯୁବକଙ୍କୁ ତାଲିମ ମଧ୍ୟ ଦିଆଯାଉଛି। ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଖଇରପଦର ଗ୍ରାମର ବିଭିନ୍ନ ସଂସ୍ଥାରେ ଚାଲିଛି ଏହି ତାଲିମ କାର୍ଯ୍ୟକ୍ରମ। ଏହି ତାଲିମଧାରୀମାନଙ୍କୁ ସରକାରଙ୍କ ପକ୍ଷରୁ ମାସିକ ୧ ହଜାର ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ମଧ୍ୟ ମିଳୁଥିବା ମାଷ୍ଟର ଟ୍ରେନର ଅରୁଣ ମହାରଣା ଓ ବନମାଳୀ ମହାରଣା କହନ୍ତି। ତାଲିମ ସମାପ୍ତ ପରେ କାରିଗରମାନେ କାଠର ବିଭିନ୍ନ କଳାକୃତି ତିଆରି କରି ସ୍ୱାବଲମ୍ବୀ ହୋଇ ପାରୁଛନ୍ତି। ଖଇରପଦର ମାଁ ମାଣିକେଶ୍ୱରୀ ପ୍ରଡ୍ୟୁସର ଗ୍ରୁପ୍ ଭଳି ନୀଳମାଧବ ଓ ମାଁ ସମଲାଇ ଉଡ୍ ଏଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର ରଙ୍ଗାଲପାଲି (ଜୟପାଟଣା) ମଧ୍ୟ କାଠ ଶିଳ୍ପକୁ ନେଇ ଚର୍ଚ୍ଚାରେ ଅଛନ୍ତି। କାଠ ଶିଳ୍ପୀଙ୍କ ପାଇଁ ଖଇରପଦର ଗ୍ରାମ ଆଜି ରାଜ୍ୟ ତଥା ରାଜ୍ୟ ବାହାରରେ ବେଶ୍ ପରିଚିତି ଲାଭ କରିଛି। ■



## ନୀତି ଅନୀତି ରାଜନୀତି

ଶ୍ରୀବିଦୂର




## ନବୀନ ବିନା ନାହିଁ ଗତି

ଓଡ଼ିଶାରେ ସ୍ୱଘୋଷିତ 'ଅସ୍ମିତା' ସରକାରକୁ ଆଠ ମାସ ପୂରି ନଅ ମାସ ଚାଲିଲାଣି । ତଥାପି ମନ୍ତ୍ରୀମାନେ ନିଜକୁ କଅଁଳା ଶିଶୁ ମନେ କରୁଛନ୍ତି । ନାନାଦି ପେଖନା କାଢ଼ି ନିଜ ସରକାରଙ୍କ ତ୍ରୁଟିବିଚ୍ୟୁତିକୁ ଘୋଡ଼ାଇ ପକାଉଛନ୍ତି ସିନା, ଶଙ୍ଖପତି ନବୀନ ସରକାରଙ୍କ ସଫଳତାକୁ ମଲାଟ ବଦଳାଇ ଗେରୁଆ କରିବାରେ ଆଦୌ କାର୍ପଣ୍ୟ କରୁନାହାନ୍ତି । ଶଙ୍ଖ ସରକାରଙ୍କ ବଳକା ରାଜସ୍ୱକୁ ସୁଭଦ୍ରାରେ ବାଣ୍ଟି ସରକାର ଆତ୍ମତୃପ୍ତି ଲାଭ କରୁଛନ୍ତି ବୋଲି କଟକୀ ସା'ନ୍ତରା କହୁଛନ୍ତି । ରଙ୍ଗ ମାଖିବାରେ ରାଜକୋଷରୁ ଖର୍ଚ୍ଚ ଅର୍ଥ ପୁରୁଣା ସରକାରଙ୍କ ଅମଳର ବୋଲି ଦେଓ ମ୍ୟାଡ଼ାମ୍ ଫେସବୁକ୍‌ରେ ବଖାଣୁଛନ୍ତି । ବିତ୍ତ ପରିଚାଳନାରେ ଓଡ଼ିଶାର ସଫଳତାକୁ ବିଭିନ୍ନ ଜାତୀୟ ସଂସ୍ଥା ପ୍ରଶଂସା କରୁଛନ୍ତି । ଦେଶର ଅନ୍ୟ ରାଜ୍ୟଗୁଡ଼ିକ ଋଣରେ ବୁଡ଼ିଥିବାବେଳେ ଶଙ୍ଖପତି ନବୀନ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଋଣଭାର ଲାଘବ କରିଥିବା କଥା ପଲିସୀ ଥିଙ୍କଟ୍ୟାଙ୍କ ସଗର୍ବେ କହୁଛି । ଅଭୂତପୂର୍ବ ପରିଚାଳନା ପାଇଁ ଦେଶରେ ଓଡ଼ିଶା ଶିକ୍ଷା, ସ୍ୱାସ୍ଥ୍ୟ ସେବାରେ ପାଇଥିବା ସଫଳତା ସବୁ ପୂର୍ବ ସରକାରଙ୍କର ବୋଲି କେନ୍ଦ୍ର ସରକାରଙ୍କ ଏଜେନ୍ସିମାନେ ରିପୋର୍ଟ ଦେଉଛନ୍ତି । ସେଥିପାଇଁ ଗଲା ଆଠ ମାସରେ ସରକାର କ'ଣ କରିଛନ୍ତି ବୋଲି ଲୋକମାନେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ସୂର୍ଯ୍ୟରୁ ଶକ୍ତି ଆଣି ଲୋକଙ୍କ ଘରକୁ ୩୦୦ ୟୁନିଟ୍ ବିଜୁଳି ଯୋଗାଇବା ଘୋଷଣା, ବୁଢ଼ାବୁଢ଼ୀଙ୍କୁ ତିନି ହଜାର ଟଙ୍କା ଭତ୍ତା କଥା ସିନା ସରକାର ଭୁଲି ଗଲେଣି; ମାତ୍ର ଲୋକମାନେ ଭୁଲି ପାରୁ ନାହାନ୍ତି । ସେଇଥିପାଇଁ ନବୀନଙ୍କୁ ଲୋକମାନେ ଝୁରୁଛନ୍ତି, ନବୀନ ବିନା ଗତି ନାହିଁ ବୋଲି କହୁଛନ୍ତି । ■



## ଫାଷ୍ଟ ବୋଲର ସୂର୍ଯ୍ୟବଂଶୀ

ନଡ଼ିଆଗଛ ତିନି ବର୍ଷରେ ଫଳେ, ତିରିଶ ଫୁଟ ଉଚ୍ଚା ହୁଏ, ତିରିଶି ବର୍ଷ ବଞ୍ଚେ । ନଗବ ବା ଜଡ଼ା ଗଛର ଜନ୍ମ ଓ ଆୟୁଷ ପ୍ରାୟ ବର୍ଷକ ମଧ୍ୟରେ ସୀମିତ । ସେମିତି ପ୍ରତ୍ୟେକ କାହାଣୀ ବିଗିନିଂ, ରାଇଜିଂ ଆକ୍ସନ, କ୍ଲାଇମାକ୍ସ, ଫଲିଂ ଆକ୍ସନ ଓ କନ୍‌କ୍ଲୁଜନ ଦେଇ ଗତିକରେ । ଇଞ୍ଜିନିଅରିଂ ଛାତ୍ର ବିଷ୍ଣୁନନ୍ଦନ ତଥା ରାଇଜର ଖେଳମନ୍ତ୍ରୀ ସୂର୍ଯ୍ୟବଂଶୀ ସମ୍ଭବତଃ ଏହି ସାଧାରଣ ସୂତ୍ରଟିକୁ ମନେ ରଖିନାହାନ୍ତି । ବିଷ୍ଣୁଙ୍କ ଅବର୍ତ୍ତମାନରେ ଧାମନଗର ଉପନିର୍ବାଚନରୁ ତାଙ୍କ ରାଜନୈତିକ ଜୀବନର ବିଗିନିଂ ଆରମ୍ଭ ହୋଇଥିଲା । ଗତ ନିର୍ବାଚନରେ ପଦ୍ମ ଦଳର ଅପ୍ରତ୍ୟାଶିତ ସଫଳତା ପରେ ତାଙ୍କ ନାମକୁ ନେଇ ଚର୍ଚ୍ଚା, ଦଳର ଜାତୀୟ ନେତାଙ୍କ ଉପସ୍ଥିତିରେ ମନ୍ତ୍ରୀ ପଦ ଶପଥ ନେବା ବେଳେ ଯୁବ କର୍ମୀଙ୍କ ମନରେ ତାଙ୍କ ପ୍ରତି ଆକର୍ଷଣର ପ୍ରତିଫଳନ ସଫଳତାର ଶୀର୍ଷ ବା କ୍ଲାଇମାକ୍ସ ବୋଲି କେହି କେହି କହୁଛନ୍ତି । ପ୍ରତ୍ୟେକ କାହାଣୀର କ୍ଲାଇମାକ୍ସ ପରେ ଆରମ୍ଭ ହୋଇଥିବା କ୍ରିୟାଟି କାହାଣୀ ପରି ପ୍ରତ୍ୟେକ ମଣିଷକୁ କଷଟି ପଥରରେ କଷିଥାଏ । ସୂର୍ଯ୍ୟବଂଶୀଙ୍କ ରାଜନୈତିକ ଜୀବନରେ 'ବାରବାଟୀ' ହେଉଛି କ୍ଲାଇମାକ୍ସ ପରବର୍ତ୍ତୀ ସେହିପରି ଏକ କ୍ରିୟା ବୋଲି ଏବେ ଅନେକ ମନେ କରୁଛନ୍ତି । ସ୍ପିନ୍ ବୋଲରଙ୍କଠାରୁ ଫାଷ୍ଟ ବୋଲର ଯେ ଅଧିକ ଆଘାତ ସମସ୍ୟା ସହ ଜୁଝିଥାଆନ୍ତି, ଖେଳମନ୍ତ୍ରୀ ସୂର୍ଯ୍ୟବଂଶୀ ଏହି ସାଧାରଣ କଥାଟି ଭୂଲିଗଲେ କେମିତି ? ତେଣୁ ଏହି ଏକଦିବସୀୟ ତାଙ୍କ ପରି ପ୍ରତିଶ୍ରୁତିସମ୍ପନ୍ନ ଯୁବ ନେତାଙ୍କ ରାଜନୈତିକ ଜୀବନରେ ଶେଷ ଏକଦିବସୀୟ ପରିଚାଳନା ନ ହେଉ ବୋଲି ଆମେ କାମନା କରୁଛୁ । ■



## ତଡ଼ାଖିଆଙ୍କ ଅଥାନ ମାଡ଼

ପ୍ରାପ୍ତିର ଆଶାରେ ମଣିଷ ବଞ୍ଚେ ଓ ବୁଝାମଣା କରିବାକୁ ସେ କୁଣ୍ଠାବୋଧ କରେ ନାହିଁ । ମାତ୍ର ଯେତେବେଳେ ପ୍ରାପ୍ତିର ଆଶା ତୁଟିଯାଏ, ସେତେବେଳେ ସେ ନିର୍ଭୟ ହୋଇଯାଏ । ନିଜ ଇଚ୍ଛାମତେ ଯାହାକିଛି କହିବାକୁ କୁଣ୍ଠାବୋଧ କରେ ନାହିଁ । ଏହା ମାନବିକ ପ୍ରବୃତ୍ତି ଓ ପ୍ରମାଣସିଦ୍ଧ । ପଦ୍ମ ଦଳର ଦ୍ୱିତୀୟ ଦୁର୍ବାସା କୁହାଯାଉଥିବା ଓ ନିଜକୁ ତଡ଼ାଖିଆ ବୋଲାଉଥିବା ପଶ୍ଚିମା ନେତା ଜୟନାରାୟଣ କୁଆଡ଼େ ଆଉ ଦଳଠାରୁ କିଛି ପ୍ରାପ୍ତି ଆଶା ରଖି ନାହାନ୍ତି । ଗତ କିଛି ସପ୍ତାହ ଧରି ତାଙ୍କ ରହସ୍ୟମୟ ନିରବତାର ରହସ୍ୟ ଖୋଜୁଖୋଜୁ ସମ୍ବଲପୁର ଅଞ୍ଚଳରେ ହେଉଥିବା ମନ୍ତ୍ରୀ ପଦ ଚର୍ଚ୍ଚା ବିଷୟ ପୂର୍ବରୁ ଏହି ସ୍ତମ୍ଭରେ ଆମେ ଉଲ୍ଲେଖ କରିଥିଲୁ । ମନ୍ତ୍ରୀ ପଦ ଲୋଭ ତାଙ୍କୁ ନିରବ କରି ଦେଇଥିବା ଅନେକ କହୁଥିଲେ । ମାତ୍ର ଏହାର ଠିକ୍ ପରେ ପରେ ତଡ଼ାଖିଆ ଜୟନାରାୟଣ ଦଳର କିଛି ନେତାଙ୍କ ଅଥାନରେ ଯେଉଁ ପ୍ରଚଣ୍ଡ ଶବ୍ଦାଘାତ କରିଛନ୍ତି, ସେଥିରେ ଅନେକଙ୍କ ବୁଦ୍ଧି ଗୋଲ୍ । କହୁ କହୁ ଆଖଡ଼ା ରାଜନୀତିରେ ଗୋଷ୍ଠୀ ରାଜନୀତିକୁ ଇଙ୍ଗିତ କରି ଦଳର ସଭାପତି ମନୋନୟନକୁ ତେରଛା ବାଣ ମାରିଛନ୍ତି ଜୟନାରାୟଣ । ସଭାପତି ନିଯୁକ୍ତି ସଂକ୍ରାନ୍ତରେ ଯେଉଁମାନେ ଏହି ନିଷ୍ପତ୍ତି ନେଉଛନ୍ତି, ସେମାନଙ୍କ ମଧ୍ୟରେ ସେ ନ ଥିବା ଓ ଦଳରେ ବରିଷ୍ଠତାର ମୂଲ୍ୟ ନ ଥିବା କଥା କାହାକୁ ଇଙ୍ଗିତ କରି ସେ କହିଛନ୍ତି, ତାହା କାହାକୁ ଅଜଣା ନାହିଁ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ପୁରୁଖା ନେତା ଅନୁରୂପ ମତ ଦେଇ ଅସନ୍ତୋଷ ବ୍ୟକ୍ତ କରୁଥିବା ସାଧାରଣ କଥା ହୋଇ ଗଲାଣି । ମାତ୍ର ଦଳରେ ବିଧାୟକମାନଙ୍କର ଗୁରୁତ୍ୱ ନ ଥିବା ଯେଉଁ କଥାଟି ଜୟ କହିଛନ୍ତି, ତାହା କୁଆଡ଼େ ଭାରି ସାଂଘାତିକ । ■



## ଗୋକୁଳଧାମରେ କୃଷ୍ଣଚନ୍ଦ୍ର

ଗୋକୁଳ ଓ କୃଷ୍ଣଙ୍କ ମଧ୍ୟରେ ସମ୍ପର୍କ ଅତି ନିଘନ । ଗୋକୁଳ ବିନା କୃଷ୍ଣ ଓ କୃଷ୍ଣ ବିନା ଗୋକୁଳ ଯେ ସ୍ଥିତିହୀନ ଏ କଥା ପୁରାଣ ପଢ଼ିଥିବା ଲୋକମାନେ ଜାଣନ୍ତି । ଦ୍ୱାପର ଯୁଗର କୃଷ୍ଣ-ଗୋକୁଳ ସମ୍ପର୍କ ପରି କଳିଯୁଗରେ ଆଧୁନିକ ଓଡ଼ିଶାର ମୋହନ ରାଜ୍ୟ ବି କୃଷ୍ଣଚନ୍ଦ୍ର-ଗୋକୁଳାନନ୍ଦଙ୍କ ନିଘନ ସମ୍ପର୍କକୁ ନେଇ ଅନେକ ଶତମୁଖ । ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ରଙ୍କ ସହ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦଙ୍କ ଆତ୍ମିକ ସମ୍ପର୍କ ଅତି ନିବିଡ଼ ବୋଲି ସମସ୍ତେ ଜାଣନ୍ତି । ନ ହେଲେ ପ୍ରାଣୀ ସମ୍ପଦ ବିଭାଗ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ କ'ଣ କୃଷ୍ଣଚନ୍ଦ୍ରଙ୍କୁ ମୁଖ୍ୟ ଅତିଥି କରି ଡ଼ାକିଥାଆନ୍ତେ ? ବରମୁଣ୍ଡା ପଡ଼ିଆରେ ପ୍ରାଣୀ ସମ୍ପଦବିଭାଗର ଅସ୍ଥାୟୀ ଗୋକୁଳଧାମରୁ ସାତ ଲକ୍ଷ ଟଙ୍କା ବିନିମୟରେ 'ପୁଙ୍ଗାନୁର' ପ୍ରଜାତିର ଦୁଇଫୁଟିଆ ଗାଈ ଓ ଷଣ୍ଢ ହଳେ କିଣି ମନ୍ତ୍ରୀ ଗୋକୁଳାନନ୍ଦ ନିଜକୁ ବାକ୍ୟବୀର ନୁହେଁ, କର୍ମବୀର ବୋଲି ପ୍ରମାଣିତ କରିଛନ୍ତି । ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦଙ୍କ ଗୋ-ପ୍ରୀତିରେ ମୁଗ୍ଧ ନିନ୍ଦୁକମାନେ ଏହାପରେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ରଙ୍କୁ ଟ୍ରୋଲ କରିବା ଆରମ୍ଭ କରି ଦେଇଛନ୍ତି । ଗୋକୁଳାନନ୍ଦ ଯେପରି ନିଜ ବିଭାଗ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି, ସେମିତି କୃଷ୍ଣଚନ୍ଦ୍ର ମଧ୍ୟ ଉଦାହରଣ ସୃଷ୍ଟି କରି ଅଳ୍ପ କଥା କହି ଲୋକଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ନିମନ୍ତେ ପଦକ୍ଷେପ ନିଅନ୍ତୁ ବୋଲି ପରାମର୍ଶ ଦେଇଛନ୍ତି । ମାତ୍ର ନିଜ ଦୁନିଆଁରେ ମଗ୍ନ କୃଷ୍ଣଚନ୍ଦ୍ର ଏ କଥା ବୁଝିଲେ ତ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।